## ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

ଉଦଳା,(ସନ୍ତୋଷ କୁମାର ବାଛିନୀ)- ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଚିରତାବଣୀ ଗ୍ରାମରେ ବିଲରେ ହଳ କରୁଥିବା ବେଳେ ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପୋଡାଡିହା ଚାପଲସାହି ଗ୍ରାମର କାଳନ୍ଦୀ ଶଙ୍ଖୁଆଳ। ଟ୍ରାକ୍ଟରଟି କାଦୁଅରେ ଫସିଯାଇ ଓଲଟି ପଡ଼ିବାରୁ ଡ୍ରାଇଭର କାଳନ୍ଦୀ ଏହା ତଳେ ଚାପି ହୋଇ ରହିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ କପ୍ତିପଦା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୭/୨୩ ) ରୁଜୁ ହୋଇଛି।

## ଥାନାରେ ନିଆଁ

ରୂପସା, ୨।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା ପରିସରରେ ବୁଧବାର ମଧ୍ୟାହ୍ନରେ ଅକସ୍ମାତ ନିଆଁ ଲାଗିଯାଇଥିଲା। ଥାନା କର୍ମଚାରୀ ସମେତ ଥାନାକୁ ଏତଲା ଦେବାକୁ ଆସିଥିବା ଅଭିଯୋଗକାରୀ ଏଣେତେଣେ ଦୌଡ଼ି ପଳାଇବାରୁ ଅଳ୍ପକେ ବର୍ତ୍ତିଯାଇଥିଲେ।

ଥାନା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଟେବୁଲରେ ବସି ପୋଲିସ ଅଧିକାରୀମାନେ ଲୋକଙ୍କଠାରୁ ଏତଲା ଗ୍ରହଣ କରୁଥିଲେ। ଏହି ସମୟରେ ଥାନାର କାନ୍ଥ ଦେଇଯାଇଥିବା ବିଦ୍ୟୁତ ତାରରେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁକୁ ଦେଖି ଥାନା କର୍ମଚାରୀ ସମେତ ଥାନାକୁ ଏତଲା ଦେବାକୁ ଆସିଥିବା ଲୋକେ ଏଣେତେଣେ ଦୌଡ଼ି ପଳାଇଥିଲେ। ପରେ ମୁଖ୍ୟ ବିଦ୍ୟୁତ ତାର ସହ ସଂଯୁକ୍ତ ମେନ୍ ସୁଇଚକୁ ଅଫ କରିଦେବାରୁ ନିଆଁ ଆୟତ୍ତ ହୋଇଥିଲା। ଏହାପରେ ବିଦ୍ୟୁତ୍ ବିଭାଗକୁ ଖବର ଦିଆଯାଇଥିଲା। ବିଦ୍ୟୁତ କର୍ମଚାରୀ ପହଞ୍ଚି ତ୍ରୁଟି ସଜାଡ଼ିଥିଲେ। ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ବିଦ୍ୟୁତ ବିଭାଗ କର୍ମଚାରୀ କହିଛନ୍ତି।

# ୪ ରୁ ଟ୍ରେଲର ଅଟକ ଆନ୍ଦୋଳନ

### ଟ୍ରେଲରରେ ଖଣିଜପଥର ପରିବହନକୁ ବିରୋଧ

କେନ୍ଦୁଝର,୨।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରୁ ଟ୍ରେଲର ଯୋଗେ ଖଣିଜ ପରିବହନକୁ ଜିଲାର ସମସ୍ତ ଟ୍ରକ ମାଲିକ ସଂଘ ବିରୋଧ କରିଛନ୍ତି। ଏହାର ପ୍ରତିବାଦରେ ଅଗଷ୍ଟ ୪ ତାରିଖରୁ ରିମୁଳି ନିକଟରେ ଟ୍ରେଲରକୁ ଅଟକାଇ ପ୍ରତିବାଦ କରାଯିବ। ଏହି ସୂଚନା ବୁଧବାର କେନ୍ଦୁଝର ଜିଲା ମୁଖ୍ୟାଳୟରେ ରୋଟାରୀ ଭବନଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଟ୍ରକ୍ ମାଲିକ ସଂଘର କୋର କମିଟି ଘୋଷଣା କରିଛି। କମିଟିରେ କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ସମେତ ଯୋଡ଼ା, କାଳିମାଟି, ବଡ଼ବିଲ, ଗୁଆଲି, ଭଦ୍ରାସାହି ଏବଂ କୋଇଡ଼ା ସଂଘର ପ୍ରତିନିଧିମାନେ ଯୋଗଦେଇଥିଲେ। କମିଟିର ସଂଯୋଜକ ଦେବାଶିଷ ପଟ୍ଟନାୟକ ପରିଚାଳନା କରିଥିଲେ।



ଖବରଦାତା ସମ୍ମିଳନୀରେ ଟ୍ରକ୍ ମାଲିକ ସଂଘର ସଦସ୍ୟମାନେ।

ଜିଲାରେ ଖଣି କମ୍ପାନୀମାନେ ୪୦ ରୁ ୬୦ ପ୍ରତିଶତ ଲୁହାପଥର ସ୍ଥଳପଥରେ ଖଣିଜ ପଥର ପରିବହନ କରନ୍ତି। କେନ୍ଦୁଝର ଜିଲା ଓ କୋଇଡ଼ା ଖଣି ଅଞ୍ଚଳର ୭ ସଂଘ ଖଣିଜ ଦ୍ରବ୍ୟ ପରିବହନ ପାଇଁ ଏଠାକାର ଖଣି ଉପରେ ନିର୍ଭର କରିଥାନ୍ତି। ସେଥିରୁ ଅଧିକ ପରିମାଣର ଲୁହାପଥର ଟ୍ରକ୍ ବଦଳରେ କେତେକ ଖଣିରୁ ବାହାର ରାଜ୍ୟର ଟ୍ରେଲର ଜରିଆରେ ପରିବହନ ହେଉଛି। ଫଳରେ ଜିଲାର ଟ୍ରକ୍ ମାଲିକମାନେ ଲୋଡିଂ ନ ପାଇ ଦୀର୍ଘ ଦିନ ଧରି ବସି ରହୁଛନ୍ତି। ଏହାର ପ୍ରତିବାଦ ସ୍ୱରୂପ ଆସନ୍ତା ୪ ତାରିଖ ଜାତୀୟ ରାଜପଥ ୫୨୦ ରିମୁଳିରେ ବାହାରୁ ଆସୁଥିବା ଟ୍ରେଲର ଗୁଡ଼ିକୁ ଅଟକ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆନ୍ଦୋଳନକୁ କୋଇଡ଼ା ଟ୍ରକ୍ ମାଲିକ ସଂଘ ସମର୍ଥନ ଜଣାଇଛି। ପରିବହନରେ ଟାଲଟୁଲ ନୀତି ଯୋଗୁ ବ୍ୟାଙ୍କ ଋଣ, ଷ୍ଟାଫ୍‌ମାନଙ୍କ ଦେୟ ଏବଂ ପରିବାର ପ୍ରତିପୋଷଣ କରିବାକୁ ମାଲିକମାନେ ଅସମର୍ଥ ହୋଇ ଆସୁଛନ୍ତି ବୋଲି କେନ୍ଦୁଝର ଟ୍ରକ ମାଲିକ ସଂଘର ସମ୍ପାଦକ ସୂର୍ଯ୍ୟ ନାରାୟଣ କର କହିଛନ୍ତି। ବୈଠକରେ କେନ୍ଦୁଝର ଟ୍ରକ୍ ମାଲିକ ସଂଘର ସଭାପତି ରମାକାନ୍ତ ନାୟକ, ଉପ ସଭାପତି ଦିଲ୍ଲୀପ କୁମାର ପଣ୍ଡା, ଯୋଡ଼ା ସଂଘର ସମ୍ପାଦକ ସୁଶାନ୍ତ ବାରିକ, କାଳିମାଟି ଆଞ୍ଚଳିକ ଟ୍ରକ ମାଲିକ ସଂଘର ସମ୍ପାଦକ ରାଜେନ୍ଦ୍ର ବାରିକ, ଭଦ୍ରାସାହି ସଂଘର ସମ୍ପାଦକ ପୁରୁଷୋତ୍ତମ ବାରିକ, କୋଇଡ଼ା ସଂଘର ଉପ ସଭାପତି ଶରତ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଓ ମୁଖ୍ୟ କେନାଲ ଆଡ଼ିବନ୍ଧ ଭାଙ୍ଗିଲା

ଠାକୁରମୁଣ୍ଡା,୨।୮(ତାରାକାନ୍ତ ପଟ୍ଟନାୟକ)

ଦେଓ ବାମ ପାର୍ଶ୍ୱ ମୁଖ୍ୟ କେନାଲ ଆଡ଼ିବନ୍ଧ ଭାଙ୍ଗି ନିକଟସ୍ଥ ଚଟୁରିସାହି ଗ୍ରାମ ଜଳମଗ୍ନ ହୋଇଛି। ବୁଧବାର ଭୋର ପ୍ରାୟ ୪ଟା ସମୟରେ ଗ୍ରାମ ଭିତରେ ବନ୍ୟାଜଳ ଅଚାନକ ପ୍ରବେଶ କରିବା ଫଳରେ ଗ୍ରାମର ୧୬ ପରିବାର ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ଘରର ଆସବାବପତ୍ର ଟଙ୍କା, ପଇସା ଏବଂ ଛେଳି ଭାସି ଯାଇଥିବା ଜଣାପଡ଼ିଛି। ଉପଜିଲାପାଳ ପ୍ରେମାଂଶୁ ଚାନ୍ଦ, ବିଡିଓ ହୃଦାନନ୍ଦ ଅଢା, ଅତିରିକ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀ, ବ୍ଲକର ସହକାରୀଯନ୍ତ୍ରୀ ଅମଜାଦ ଅଲ୍ଲୀ ପ୍ରମୁଖ ଘଟଣାସ୍ଥଳକୁ ଯାଇ ବିପନ୍ନ ପରିବାରଗୁଡ଼ିକୁ ନିକଟସ୍ଥ ସ୍କୁଲରେ ରଖି ଖାଦ୍ୟ ପାନୀୟ ଯୋଗାଇ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଲଘୁଚାପ ଯୋଗୁ କରଞ୍ଜିଆ ଅଞ୍ଚଳରେ ୩୦୦.୬ ମି.ମି.ବର୍ଷା ରେକର୍ଡ ହୋଇଛି। ମିରିଗିନୋଣ୍ଡି ପଞ୍ଚାୟତର ହାତିବାରୀସ୍ଥିତ ଦେଓ ନଦୀବନ୍ଧର ଚଳିତବର୍ଷ ପାଇଁ ଜଳଧାରଣ କ୍ଷମତା ୪୦୯ ମିଟର ଥିବା ସ୍ଥଳେ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ୪୦୯.୧୮ ମିଟର ପାଣି ସଂରକ୍ଷିତ ହୋଇଛି। ବିପଦ ସୃଷ୍ଟି ଆଶଙ୍କାରେ ଗୁରୁବାର ପୂର୍ବାହ୍ନ ୧୧.୩୦ରେ ବନ୍ଧରୁ ପ୍ରଥମ ବନ୍ୟାଜଳ ନଦୀରେ ଛଡ଼ାଯାଇଛି। ଏହାପୂର୍ବରୁ ବନ୍ଧର ଦୁଇମୁଖ୍ୟ କେନାଲ ଯୋଗେ ଚାଷ ପାଇଁ ପାଣି ଛଡ଼ା ଯାଇଥିଲେ ମଧ୍ୟ ପ୍ରବଳ ବର୍ଷା କାରଣରୁ ବୁଧବାର ରାତିରେ ପାଣି ବନ୍ଦ କରାଯାଇଥିଲା। କିନ୍ତୁ ପ୍ରବଳ ବର୍ଷା ହେବା ଫଳରେ କୁଳିପୋଷି ପଞ୍ଚାୟତର ଚଟୁରିସାହି ଗ୍ରାମମୁଣ୍ଡରେ ଥିବା ପାହାଡ଼ରୁ ଜଳ ବୋହିଆସି ଦେଓ ବାମ ପାର୍ଶ୍ୱ ମୁଖ୍ୟ କେନାଲ ମଧ୍ୟରେ ପଡ଼ିବା ଫଳରେ କେନାଲର ଆଡିବନ୍ଧ ଭାଙ୍ଗିଯାଇଥିଲା।

## ଦାଦା ଥିଲେ ପ୍ରେରଣାର ଉତ୍ସ

### ଅରୁଣ ଦେ'ଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ

ବାଲେଶ୍ୱର, ୨।୮(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଶାନ୍ତିକାନନସ୍ଥିତ ଅରୁଣ ଦେ ସ୍ମୃତି ପରିଷଦ କାର୍ଯ୍ୟାଳୟରେ ମହାନ ଜନନାୟକ ବାଲେଶ୍ୱରର ପୂର୍ବତନ ବିଧାୟକ ଅରୁଣ ଦେ (ଦାଦା)ଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ବୁଧବାର ପାଳିତ ହୋଇଯାଇଛି। ଅରୁଣ ଦେ ସ୍ମୃତି ପରିଷଦ ପକ୍ଷରୁ ଶୋଭାରାମପୁର ଛକସ୍ଥିତ ଦାଦାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା।

ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଦାଦାଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହିତ ତାଙ୍କ ଜୀବନାଦର୍ଶ ଓ କାର୍ଯ୍ୟଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଦାଦା କେବଳ ବାଲେଶ୍ୱର ନୁହେଁ ବରଂ ଓଡ଼ିଶାର ଜଣେ ଅଦ୍ୱିତୀୟ ରାଜନେତା ଥିଲେ। ସାଧାରଣ ଜନତାଙ୍କ ସ୍ୱାର୍ଥରକ୍ଷା ପାଇଁ ବିଧାନସଭାରେ ଦାଦାଙ୍କ ପ୍ରଶ୍ନ ଉତ୍ଥାପନ ରାଜ୍ୟର ଅନ୍ୟାନ୍ୟ ବିଧାୟକଙ୍କୁ ପ୍ରେରଣା ଦେଉଥିଲା। ଦାଦାଙ୍କ ଉତ୍ସର୍ଗୀକୃତ ଆଦର୍ଶ ଓଡ଼ିଶା ରାଜନୀତି ପାଇଁ ପ୍ରେରଣାର ଉତ୍ସ ଥିଲା ବୋଲି କହିଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ରେମୁଣା ବିଧାୟକ ସୁଧାଂଶୁ ପରିଡ଼ା, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ ଓ ଉର୍ମିଳତା ଦାସ, ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଗୌରୀ ରାଉତ, ପୂର୍ବତନ ପୌରାଧ୍ୟକ୍ଷ ତପନ ଚକ୍ରବର୍ତ୍ତୀ, ବାଲେଶ୍ୱର ପୌର ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, କାଉନସିଲର ମୀନା ମହାନ୍ତି ପ୍ରମୁଖ ଯୋଗଦେଇ ଦାଦାଙ୍କ ଆବର୍ତ୍ତମାନ ବାଲେଶ୍ୱର ସହିତ ସମଗ୍ର ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ। ଏହି ଅବସରରେ ଦାଦାଙ୍କ ରାଜନୈତିକ ଜୀବନରେ ସହଯୋଗୀ ଭାବେ କାର୍ଯ୍ୟ କରିଥିବା ୨୦ଜଣ ବ୍ୟକ୍ତିଙ୍କୁ ସ୍ମୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହିତ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ପରିଷଦର ସଭାପତି ତଥା ଦେଙ୍କ ଭଉଣୀ ପ୍ରଫେସର ବାସନ୍ତି ଚକ୍ରବର୍ତ୍ତୀ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ମୃତି କମିଟି କାର୍ଯ୍ୟକର୍ତ୍ତା ରଞ୍ଜନ ବାଗ, ବିଷ୍ଣୁ ପ୍ରସାଦ ମହାନ୍ତି ଓ କବି ଶ୍ରୀଦେବ ଏହି ସ୍ମୃତିସଭାକୁ ସଂଯୋଜନା କରିଥିବା ବେଳେ ପୂର୍ବତନ କାଉନସିଲର ବିଶ୍ୱଜିତ୍ ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଅରୁଣ ଦେ'ଙ୍କ ସ୍ମୃତିସଭାରେ ମନ୍ତ୍ରୀ ଓ ଅନ୍ୟ ଅତିଥିଗଣ।

## ଗଛଡାଳ ପଡ଼ି ରାଜମିସ୍ତ୍ରିଙ୍କ ଜୀବନ ଗଲା

ବନ୍ତ,୨।୮(ହରିନାରାୟଣ ମହାନ୍ତି)-ଗଛ ଡାଳ ପଡ଼ି ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଟିଲୋ ପଞ୍ଚାୟତ ବଉଳସାହି ଗ୍ରାମର ରାଜମିସ୍ତ୍ରି ନରୋତ୍ତମ ରାଉତ(୬୫)ଙ୍କ ମୃତ୍ୟୁ ଘଟିଛି। ଗତ ୩ ଦିନ ଧରି ବ୍ଲକରେ ଲଘୁଚାପଜନିତ ବର୍ଷା ସହ ପବନ ଯୋଗୁ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡ଼ିଛି। ନରୋତ୍ତମ ନିକଟସ୍ଥ ମନ୍ଦିରକୁ ପୂଜା କରିବାକୁ ଯାଉଥିବା ବେଳେ ରାସ୍ତାପାର୍ଶ୍ୱରେ ଥିବା ଏକ ଆମ୍ବ ଗଛ ଡାଳ ତାଙ୍କ ଉପରେ ଭାଙ୍ଗି ପଡ଼ିଥିଲା। ସେ ରାସ୍ତା ଉପରେ ଅଚେତ ହୋଇ ପଡ଼ିଥିଲେ। ପରିବାର ଲୋକ ପହଞ୍ଚି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସରପଞ୍ଚ ସଂଗ୍ରାମ କେଶରୀ ଜେନା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ହରମୋହନ ବେହେରା, ପ୍ରାକ୍ତନ ସରପଞ୍ଚ ନିହାରିକା ରାଉତ, ସାମାଜିକ କର୍ମୀ ଇଂ. ଲକି ମାଷ୍ଟର ସ୍ୱାଇଁ, ଅବସରପ୍ରାପ୍ତ ଫାର୍ମାସିଷ୍ଟ ଉଦୟନାଥ ପଣ୍ଡା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ପରିବାରକୁ ସହାୟତା ଯୋଗାଇବାକୁ ଦାବି ହୋଇଛି।

## ୧୦ ପଞ୍ଚାୟତର ୨,୫୭୫ ହେକ୍ଟର ଚାଷଜମି ଜଳମଗ୍ନ


ଚାଷଜମି ବର୍ଷାପାଣି ବୁଡ଼ି ରହିଛି।

ତିହିଡ଼ି,୨।୮(ସଞ୍ଜିତ୍ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ୧୦ ପଞ୍ଚାୟତର ୨,୫୭୫ ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ବ୍ଲକରେ ବିଳମ୍ବରେ ଚାଷକାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏବେସୁଦ୍ଧା ୪,୮୦୦ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ବାରୋ, ବିଲଣା, ତଳଗୋପବିନ୍ଧା, ବୋଡ଼କ, କାଁପଡ଼ା, ବାରସର, ଗୋବିନ୍ଦପୁର, ଶ୍ୟାମସୁନ୍ଦରପୁର, ସୟା ଓ ମୁକୁନ୍ଦପୁର ପଞ୍ଚାୟତର ୨୭ ଗ୍ରାମର ଚାଷଜମି ଜଳମଗ୍ନ ହୋଇଥିବା କୃଷି ବିଭାଗ ସୂତ୍ରରୁ ଜଣାଯାଇଛି। ୧୬୦୦ ହେକ୍ଟର ଜମିରେ ଧାନତଳି ପଡ଼ିଥିବା ବେଳେ ତନ୍ମଧ୍ୟରୁ ୮ଶହ ହେକ୍ଟର ଜମିରେ ପଡ଼ିଥିବା ତଳି ମଧ୍ୟ ପାଣିରେ ବୁଡ଼ି ରହିଛି। ଏହାବ୍ୟତୀତ ବ୍ଲକର ଅନ୍ୟ ୨୧ ପଞ୍ଚାୟତର ତଳିଆ ଜମି ମଧ୍ୟ ବର୍ଷାପାଣିରେ ବୁଡ଼ି ରହିଛି। ତେବେ ଠିକ୍ ରୂପେ ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଜମିରେ ରୁଆ ଧାନ ଓ ତଳି ନଷ୍ଟ ହେବାର ଆଶଙ୍କା ଉପୁଜିଛି।

## କପାଳୀ, ରେବ ନଦୀରେ ବଢ଼ୁଛି ଜଳସ୍ତର

ବନ୍ତ,୨।୮(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକର କପାଳୀ ଓ ରେବ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ଫଳରେ ବନ୍ୟା ଆଶଙ୍କା ନେଇ ନଦୀକୂଳିଆ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ରେବ ନଦୀ କୂଳବର୍ତ୍ତୀ ସେଣ୍ଟତୀରା ପଞ୍ଚାୟତର ପରମାନନ୍ଦପୁର ଗ୍ରାମ ନିକଟରେ ଥିବା ନଦୀର ପୋଲ ଉପରେ ୨ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ଏଥିସହ ଗ୍ରାମ ମଧ୍ୟକୁ ଯାଇଥିବା ଆର୍‌ଡି ରାସ୍ତା ଓ କଂକ୍ରିଟ୍ ରାସ୍ତା ସବୁ ଜଳମଗ୍ନ ହୋଇଛି। ଗ୍ରାମ ମଧ୍ୟକୁ ବନ୍ୟାଜଳ ପ୍ରବେଶ କରିବାର ଆଶଙ୍କା ଥିବାରୁ ଗୋବିନ୍ଦପୁର ପଞ୍ଚାୟତର ପଙ୍ଗୀରା, ତରାଗୋ ଆଦି ଗ୍ରାମର ଲୋକେ ଭୟଭୀତ ଅଛନ୍ତି। ସେହିପରି କପାଳୀ ନଦୀ କୂଳବର୍ତ୍ତୀ ପଞ୍ଚାୟତର ଲୋକେ ବନ୍ୟା ଆଶଙ୍କାରେ ଆତଙ୍କିତ ହୋଇପଡ଼ିଛନ୍ତି।



## ଲଗାଣ ବର୍ଷାରେ ୨୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଲା

ତେଲକୋଇ,୨।୮(ରଞ୍ଜିତ ବିଶ୍ୱାଳ):

କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳରେ ଲଗାଣ ବର୍ଷାରେ ୨୦ ଊର୍ଦ୍ଧ୍ୱ ଘର ଭାଙ୍ଗିଯାଇଛି। ବିଭିନ୍ନ ନଦୀ, ନାଳରେ ବନ୍ୟା ଜଳ ପ୍ରବାହ ଯୋଗୁ ଯାତାୟାତ ଠପ ହୋଇଯାଇଛି। ସମାକୋଇ ନଦୀ ପୋଲ ଉପରେ ୫ ଫୁଟ୍, ହନୁମତିଆ ପୋଲ ଉପରେ ପ୍ରାୟ ୬ ଫୁଟ୍‌ର ବନ୍ୟା ଜଳ ପ୍ରବାହିତ ହେଉଛି। ମୁଖ୍ୟାଳୟ ବ୍ଲକ୍‌ର ଅନ୍ୟ ପଞ୍ଚାୟତ ଗୁଡ଼ିକରୁ ବିଚ୍ଛିନ୍ନ ହୋଇପଡିଛି। ସେହିପରି କରଦାଙ୍ଗି ଏବଂ ସାମନାଳୀରେ ଘୁରୁଡ଼ିଆ ନାଳ ପୋଲ ଉପରେ ୭ ଫୁଟ୍, ରାଇସୁଆଁର ଖଣ୍ଡାଧୁଆ ନାଳ ପୋଲ ଉପରେ ୫ ଫୁଟ୍‌ରୁ ଊର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଛି। ମବ୍ଲକ୍‌ରେ ୨୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ବେଳେ ଓରିଆ ପଞ୍ଚାୟତ କାଳିଆପାଣିରେ ଗୁହାଳ ଘର କାନ୍ଥ ପଡି ଗୋଟିଏ ବଳଦର ମୃତ୍ୟୁ ଘଟିଥିବା ସୂଚନା ରହିଛି। ମଙ୍ଗଳବାର ସନ୍ଧ୍ୟାରୁ ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ତେଲକୋଇ ଅଞ୍ଚଳରେ ୨୧୦ ମି.ମି ବର୍ଷା ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ୬ ଗାଁରେ ପଶିଲା ପାଣି

ଠାକୁରମୁଣ୍ଡା,୨।୮(ତାରାକାନ୍ତ ପଟ୍ଟନାୟକ)

ଲଗାଣ ବର୍ଷା ଯୋଗୁ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ଘର ଭୁଶୁଡ଼ି ପଡ଼ିବା ସହିତ ୧୯ ଗାଁ ପ୍ରଭାବିତ ହୋଇଛି। ସଳନ୍ଦୀ ନଦୀରେ ବନ୍ୟା ଆସି ୬ଟି ଗାଁର ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ୭୦ଜଣଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀ ବୋଟ୍ ଯୋଗେ ଉଦ୍ଧାର କରି ଆଶ୍ରୟସ୍ଥଳୀରେ ଛାଡ଼ିଛନ୍ତି। ପ୍ରଶାସନ ପକ୍ଷରୁ ୯ଟି ଆଶ୍ରୟସ୍ଥଳୀରେ ମୋଟ ୪୭୬ ଜଣଙ୍କୁ ରଖାଯାଇ ରନ୍ଧାଖାଦ୍ୟ ଦିଆଯାଉଛି।

ଠାକୁରମୁଣ୍ଡା ଅଞ୍ଚଳରେ ୨୧୮ ମି.ମି ବର୍ଷା ହୋଇଥିବା ବେଳେ ଶିମିଳିପାଳରେ ପ୍ରବଳ ବର୍ଷା ଯୋଗୁ ସାଳନ୍ଦୀ ନଦୀ ଜଳପତ୍ତନ ବୃଦ୍ଧି ପାଇଛି। ନଦୀକୂଳରେ ଥିବା ଠାକୁରମୁଣ୍ଡା ବ୍ଲକ ଅଧୀନ ଚମ୍ପାଝର ପଞ୍ଚାୟତର ଡଙ୍ଗାଡ଼ିହା ଗ୍ରାମର ବଙ୍ଗାଳି ସାହି, ଘୁଟୁ ସାହି ଏବଂ ଜଡିପଡା ଗ୍ରାମ, ଜରକ ପଞ୍ଚାୟତ ଅନ୍ତର୍ଗତ ଦୁବାପାଳ, ଘଣ୍ଟିଆଦର ଗ୍ରାମର କୁଦର ସାହି, ମହୁଲଡ଼ିହା ପଞ୍ଚାୟତ ଅନ୍ତର୍ଗତ ଖୁମଠାଣ ଗ୍ରାମର ବାଉଁଶଡ଼ିହା ସାହି ଜଳବନ୍ଦୀ ହୋଇ ରହିଛି। ପାଣି ଘେରରେ ରହିଥିବା ଘଣ୍ଟିଆଦର ଗ୍ରାମ କୁଦର ସାହିର ୧୪ଟି ପରିବାରର ୭୦ ଜଣଙ୍କୁ ଉଦ୍ଧାର କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଲଗାଣ ବର୍ଷାରେ ଠାକୁରମୁଣ୍ଡା ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ମୋଟ ୩୬ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ,୨୩ଟି ଘର ୭୦%,୨୦ଟି ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। କାନ୍ଥ ପଡ଼ି ହାତୀଗୋଡା ଗ୍ରାମର ଚମ୍ପା ବେହେରା ନାମ୍ନୀ ଜଣେ ମହିଳା ଆହତ ହୋଇଛନ୍ତି।


ଜଳ ଘେରରେ ଥିବା ଲୋକଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରୁଛନ୍ତି।

## ପୋଖରୀକୁ ପଶିଗଲା କାର୍

### ୩ ଯୁବକଙ୍କୁ ଉଦ୍ଧାର କଲେ ଲୋକେ

ସିମୁଳିଆ, ୨।୮(ସନ୍ତୋଷ ନାୟକ)

ସିମୁଳିଆ ଥାନାଠାରୁ ଶହେ ମିଟର ଦୂର ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ପୋଖରୀ ମଧ୍ୟକୁ ଦ୍ରୁତଗତିରେ ଆସୁଥିବା ଏକ କାର୍ (ନଂ. ଓଡ଼ି୦୫ବିବି-୯୨୧୧) ଭାରସାମ୍ୟ ହରାଇ ପଶିଯାଇଥିଲା। ସ୍ଥାନୀୟ ଲୋକେ କାର୍‌ରେ ଥିବା ୩ଜଣ ଯୁବକଙ୍କୁ ଉଦ୍ଧାର କରିଥିଲେ। ଆହତମାନଙ୍କୁ ପ୍ରଥମେ ସିମୁଳିଆ ଓ ପରେ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ବୁଧବାର ଭୋରରେ ଧାମରାରୁ ଧାମନଗର ଯାଉଥିବା ଏହି କାର୍ ମାର୍କୋଣା ବଜାରସାହି ନିକଟରେ ଥିବା ପୋଖରୀକୁ ପଶିଯାଇଥିଲା। ଅପରାହ୍ନରେ କାର୍‌କୁ ପୋଖରୀ ମଧ୍ୟରୁ ଉଦ୍ଧାର କରାଯାଇଛି।

## ବିଟେକ୍ ଛାତ୍ରଙ୍କ ଆତ୍ମହତ୍ୟା

ଢେଙ୍କିକୋଟ,୨।୮(ନୀଳମଣୀ ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍‌ହାଉସ ଅନ୍ତର୍ଗତ ଟିକିରା ଗ୍ରାମର ଜଣେ ବିଟେକ ପଢୁଥିବା ଛାତ୍ର ବେକ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ ଟମକା ଗ୍ରାମର ବୈଦ୍ୟନାଥ ସାହୁଙ୍କ ପୁଅ ବିଶ୍ୱଜିତ ସାହୁ(୧୭)। ପରିବାର ସହ ଟିକିରାରେ ଭଡ଼ାଘରେ ରହୁଥିଲେ। ବିଶ୍ୱଜିତ୍ ଭୁବନେଶ୍ୱର ଏକ ଇଞ୍ଜିନିଅରିଂ କଲେଜରେ ମେକାନିକାଲରେ ବିଟେକ କରିବା ପାଇଁ ନାମ ଲେଖାଇଥିଲେ। ଘରକୁ ବୁଲିବାକୁ ଆସିଥିବା ବେଳେ ମଙ୍ଗଳବାର ବାଇକ ଧରି ବାହାରକୁ ଯାଉଥିବା ବେଳେ ତାଙ୍କ ବାପା ବାରଣ କରିଥିଲେ। ଏଥିରେ ସେ ରାଗିଯାଇ ପ୍ୟାଣ୍ଟସାର୍ଟ ଧରି ଘରୁ ପଳାଇଥିଲେ। ବୁଧବାର ଢେଙ୍କିକୋଟ ୨୦ ନଂ. ଜାତୀୟ ରାଜପଥ ଟୁଲପ୍ଲାଜା ନିକଟସ୍ଥ ଏକ ଗଛରେ ମୃତଦେହ ଝୁଲୁଥିବା ଲୋକମାନେ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅଧିକାରୀ ତରଣୀସେନ ବାଗ ଘଟଗାଁ ଥାନା ଆଇଆଇସି ଅମ୍ରିତ ସିଂହ, ଆଇଆଇସି ଅଞ୍ଜନ କୁମାର ପାତ୍ରଙ୍କୁ ଜଣାଇଥିଲେ। ଘଟଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଘଟଗାଁ ଥାନାରେ ମାମଲା (ନଂ-୪୫/୨୩)ରୁଜୁ ହୋଇଛି। ପାଟଣା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣା ପଡ଼ିବ ବୋଲି ବିଟ୍ ହାଉସ ଅଧିକାରୀ ବାଗ୍ ପ୍ରକାଶ କରିଛନ୍ତି।

## କଲଭର୍ଟ ଧୋଇଗଲା



କେନ୍ଦୁଝର,୨।୮(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ବାଲିଆଗୋଡ଼ାଠାରୁ ଭାଲିଆଡ଼ିହି ଯାଇଥିବା ରାସ୍ତା ଲଗାଣ ବର୍ଷାରେ ସମ୍ପୂର୍ଣ୍ଣଭାବେ ବିଚ୍ଛିନ୍ନ ହୋଇଯାଇଛି। ଏହା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ହୋଇଥିବା ରାସ୍ତାରେ ଏକ କଲଭର୍ଟ ଧୋଇଯାଇଛି। ତିନି ମାସ ହେଲା ଏହି କଲଭଟ କାମ ହୋଇଥିଲା। ଫଳରେ ଲୋକମାନେ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି।

## ସୋରରେ ଧୋଇଗଲା ରାସ୍ତା

ସୋର, ୨।୮(ଜନ୍ମେଜୟ ମିଶ୍ର)

ଲଗାଣବର୍ଷା ଫଳରେ ସୋର ବ୍ଲକ ଏବଂ ପୌରପାଳିକାର ଅନେକ ଗ୍ରାମ ଜଳବନ୍ଦୀ ଅବସ୍ଥାରେ ଥିବା ବେଳେ ଶତାଧିକ ଲୋକ ପାଣିଘେରରେ ରହିଛନ୍ତି। ମାଣିପୁର ପଞ୍ଚାୟତ ଗୁଲୁଣିଆ ଗ୍ରାମ ନିକଟରେ ରାସ୍ତା ଧୋଇଯିବାରୁ ସୋର ଔପଦାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଫଳରେ ନିକଟବର୍ତ୍ତୀ ଗ୍ରାମର ଶତାଧିକ ଗ୍ରାମବାସୀ ପାଣିଘେରରେ ରହିଛନ୍ତି। କେନାଲରୁ ବନ୍ୟାପାଣି ଆସିବା ଫଳରେ ଏହି ପରିସ୍ଥିତି ଉପୁଜିଛି। ସେହିପରି ତଳନଗର ପଞ୍ଚାୟତର ସୁନାରୀ, ରହଣିଆ, ବ୍ରାହ୍ମଣ ସବିରା, ପଦନପଡ଼ା ଆଦି ୯ଟି ଗ୍ରାମ ସହିତ ସବିରା ପଞ୍ଚାୟତର ବିଭିନ୍ନ ଗ୍ରାମର ଶତାଧିକ ଘର ପାଣିଘେରରେ ରହିଛି। ଏକର ଜମିରେ ବନ୍ୟା ପାଣି ଜମି ରହିଥିବାରୁ ଧାନ ତଳି ଏବଂ ରୁଆ ଧାନ ନଷ୍ଟ ହେବା ସମ୍ଭାବନା ରହିଛି। ରାସ୍ତା ଉପରେ ୫ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ସମ୍ଭବପର ହୋଇପାରୁନାହିଁ। ସୋର ପୌରପାଳିକାର ଉତ୍ତରେଶ୍ୱରରେ ରାସ୍ତା ଉପରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଥିବା ବେଳେ ବାପୁ ନଗରରେ ଘରେ ପାଣି ପଶିଯିବାରୁ ପରିବାର ପାଣି ଘେରରେ ରହିଥିବା ବେଳେ ଚୁଲି ଜଳି ପାରିନାହିଁ। ଜାତୀୟ ରାଜପଥଗ୍ରାମ ଉତ୍ତେରଶ୍ୱର ବଡଖୁରୀ ଈଶରପୁର ଖରିଦା କଲେଜ ଛକ ଆଦି ଗ୍ରାମ ଜାତୀୟ ରାଜପଥ ରାସ୍ତାକାମ ଯୋଗୁ ଘର ମଧ୍ୟକୁ ପାଣି ପଶିଯାଇଥିବା ଜଣାପଡିଛି।

## କୂଳ ଲଂଘିଲା ଟାଙ୍ଗଣା

ଗୋପବନ୍ଧୁ ନଗର,୨।୮(ଶାନ୍ତନୁ କୁମାର ମଙ୍ଗୁଆଳ)

କଲଗାଣ ବର୍ଷା ଯୋଗୁ ଗୋପବନ୍ଧୁ ନଗର ବ୍ଲକରୁ ଉଦଳାକୁ ସଂଯୋଗ କରୁଥିବା ଗୋଡା- ଖୁଣ୍ଟାପାଳ ରାସ୍ତା ମଝିରେ ପ୍ରବାହିତ ଟାଙ୍ଗଣା ନଦୀ କୂଳ ଲଂଘିଛି। ସନ୍ଧ୍ୟାସୁଦ୍ଧା କଲଭର୍ଟ ଉପରେ ୪ ଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହୋଇଥିଲା। ଫଳରେ ଏହି ରାସ୍ତା ଦେଇ ଉଦଳା- ବାଲେଶ୍ୱର ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଅଧିକ ବନ୍ୟା ଜଳ ଆସୁଥିବାରୁ ଉକ୍ତ ନଦୀ କୂଳରେ ବସବାସ କରୁଥିବା ଲୋକଙ୍କ ପାଇଁ ବିପଦ ଦେଖାଦେଇଛି। ଚାଷ ଜମି ଗୁଡିକରେ ଜଳ ନିଷ୍କାସନ ହୋଇ ନ ପାରିବା ଯୋଗୁ ଅଧିକାଂଶ ଖାଲୁଆ ଜମି ଜଳମଗ୍ନ ହୋଇ ପଡିଛି।

## ଜଳବନ୍ଦୀ ଯୋଗୁ ୩୧୩ ସ୍ଥାନାନ୍ତର

କେନ୍ଦୁଝର, ୨।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଲଘୁଚାପଜନିତ ବର୍ଷା ଯୋଗୁ ୧୩ ବ୍ଲକ୍, ୫ ପୌରାଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ବ୍ଲକ୍‌ର ୭୨ ଗ୍ରାମ ଓ ୫ ପୌରାଞ୍ଚଳର ୨୫ ୱାର୍ଡ କ୍ଷତିଗ୍ରସ୍ତ ହୋଇଛି। ମୋଟ ୨୦୧୧ ଲୋକ ପ୍ରଭାବିତ ହୋଇଥିବା ବେଳେ ୨୦୮ ଟି ଘର ଭାଙ୍ଗିଛି। ୩୧୩ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ୪୯୫ଟି ପଲିଥିନ ବଣ୍ଟନ କରାଯାଇଛି। ୧୦୬ ଗର୍ଭବତୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। କାନ୍ଥ ପଡି ଜଣେ ମୃତ୍ୟୁବରଣ କରିଥିବାବେଳେ ଗୋଟିଏ ଗୃହପାଳିତ ପଶୁ ମୃତ୍ୟୁବରଣ କରିଛି।

## ଘରେ ପଶିଲା ବର୍ଷାଜଳ, ଡାଡିଲେ ଲୋକେ

ବାହାନଗା, ୨।୮(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକର ୨ଟି ପଞ୍ଚାୟତ ବାସିନ୍ଦାଙ୍କ ପାଇଁ ୧୬ ନମ୍ବର ଜାତୀୟ ରାଜପଥ କାଳ ସାଜିଛି। ବର୍ଷାଜଳ ଘର ଭିତରକୁ ପ୍ରବେଶ କରିବାରୁ ଉତ୍ୟକ୍ତ ଲୋକେ ୧୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ମାତ୍ର ଲୋକମାନେ ଘରକୁ ନ ଯାଇ ଜାତୀୟ ରାଜପଥ କଡରେ ଜରି ଟାଣି ବସବାସ କରୁଛନ୍ତି। ୧୬ ନମ୍ବର ଜାତୀୟ ରାଜପଥ ୪ ଲେନ ହୋଇ ସମ୍ପ୍ରସାରଣ କାମ ଏପର୍ଯ୍ୟନ୍ତ ସରୁନାହିଁ। ଫଳରେ ଲଘୁଚାପ ବର୍ଷା ହେଉ କିମ୍ବା ବନ୍ୟା ହେଉ ପାଣି ସବୁ ମୁଖ୍ୟ ନାଳ ଦେଇ ୧୬ ନମ୍ବର ଜାତୀୟ ରାଜପଥ ଦେଇ ସମୁଦ୍ର ଆଡକୁ ନିଷ୍କାସିତ ହୋଇଯାଇଥାଏ। ବନ୍ୟାପାଣି ଅବରୋଧ ହୋଇଥିବା ସ୍ଥାନକୁ କେହି ଆସି ନ ଥିଲେ। ଗ୍ରାମବାସୀ ନିରାଶ ହୋଇ ଦିନ ୧୨ ଟାରୁ ଗୋଟାଏ ପର୍ଯ୍ୟନ୍ତ ପଣପଣାଠାରେ ୧୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରି ରଖିଥିଲେ। ଖବରପାଇ ଖନ୍ତାପଡା ଥାନା ଅଧିକାରୀ ବିମଳ କୁମାର ନାୟକ, ବାହାନଗା ତହସିଲଦାର ହିମାଂଶୁ ଶେଖର ଗିରି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହିତ ମେଶିନ ଦ୍ୱାରା ପାଣି ନିଷ୍କାସନ କରିବା ଆରମ୍ଭ କରିବା ପରେ ରାସ୍ତା ଅବରୋଧ ହଟିଥିଲା।

## ଶଙ୍କରାଇ କେନାଲ ପୋଲ ବୁଡ଼ିଲା

ବାଙ୍ଗିରିପୋଷି,୨।୮(ସଞ୍ଜୟ ଅଗ୍ରୱାଲ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବାଙ୍ଗିରିପୋଷି ବ୍ଲକର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଶିମିଳିପାଳ ପାହାଡ଼ରୁ ପାଣି ଆସି ନଦୀ ସମେତ ଛୋଟବଡ଼ ଝରଣାଗୁଡିକ ଉଛୁଳିବାରେ ଲାଗିଛି। ଏହି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଚାଉଳଘୋରୀ ଏବଂ ନାଫ୍ରି ପଞ୍ଚାୟତର ନାଫ୍ରି ଗ୍ରାମ ମଧ୍ୟରେ ଥିବା ଶଙ୍କରାଇ ନାଳ ପୋଲ ଉପରେ ବନ୍ୟାପାଣି ପ୍ରବାହିତ ହେଉଛି। ଫଳରେ ନାଫ୍ରି, ଧୋବଣୀଶୋଳ ଓ ଶ୍ୟାମସୁନ୍ଦରପୁର ପଞ୍ଚାୟତ ମଧ୍ୟରେ ଯାତାୟତ ବ୍ୟାହାତ ହୋଇଛି। ଉକ୍ତ ପୋଲର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ବାଇକ୍ ଆରୋହୀଙ୍କୁ ସ୍ଥାନୀୟ ଲୋକେ ବିପଦପୂର୍ଣ୍ଣ ଅବସ୍ଥାରେ ନାଳ ପାର କରାଉଥିବା ଦେଖିବାକୁ ମିଳିଛି।

# ସୁନାନଦୀ କୂଳିଆ ଲୋକେ ଆତଙ୍କିତ


ଯୋଡ଼ା ଅଞ୍ଚଳରେ ବର୍ଷାପାଣି ଲହଡ଼ି ଭାଙ୍ଗୁଛି।

**ଯୋଡ଼ା,୨।୮(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳରେ ଲଗାଣ ବର୍ଷା ଫଳରେ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ଯୁରୁଡ଼ି, ବାମେବାରି, କାଳୀମାଟି, ବିଲେଇପଦା ପ୍ରଭୃତି ସ୍ଥାନରେ ଜଳ ନିଷ୍କାସନ ହୋଇ ନ ପାରି ଜମି ରହିଛି। ଉପରମୁଣ୍ଡରେ ଲଗାଣବର୍ଷା ଜାରି ରହିଥିବାରୁ ସୁନାନଦୀ କୂଳ ନିକଟବର୍ତ୍ତୀରେ ବସବାସ କରୁଥିବା ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଯୋଡ଼ା ସହରର ଲକ୍ଷ୍ମୀ ପଡ଼ିଆ ଆଜାଦ ବସ୍ତି, କମାର ଯୋଡା, କୁନ୍ଦୁରୁ ନାଳା ରୋଡ ପ୍ରଭୃତି ସ୍ଥାନରେ ରାସ୍ତା କଟା ଯାଇ ଜଳ ନିଷ୍କାସନ କରାଯାଉଛି। ରାସ୍ତାରେ ପାଣି ଜମି ଯିବାରୁ କମାରଯୋଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ପୌରପାଳିକା ପକ୍ଷରୁ ରାସ୍ତା କାଟି ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇଛି। ଆଜାଦବସ୍ତୀ ଲକ୍ଷ୍ମୀପଡ଼ିଆ ନିକଟରେ ଜଳ ନିଷ୍କାସନ ନିମନ୍ତେ ପୌରପାଳିକା ପକ୍ଷରୁ ଉଦ୍ୟମ କରାଯାଇଥିଲେ ହେଁ ସ୍ଥାନୀୟ ୱାର୍ଡବାସୀଙ୍କ ବିରୋଧ ଯୋଗୁ ରାସ୍ତା କଟାଯାଇ ପାରି ନ ଥିଲା। ବିଭିନ୍ନ ସ୍ଥାନରେ ପାଣି ଜମି ଯାତାୟାତ ବାଧାପ୍ରାପ୍ତ ହେଉଥିବାରୁ ଯୋଡ଼ା ପୌରପାଳିକା ପୌରାଧ୍ୟକ୍ଷ ଡଃ. ଜଗଦୀଶ ପ୍ରସାଦ ସାହୁ ରାସ୍ତାଘାଟର ଅନୁଧ୍ୟାନ କରି ଜଳ ନିଷ୍କାସନ ନିମନ୍ତେ ବ୍ୟବସ୍ଥା କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଜୁରୁଡ଼ି ଡିଏଭି ସ୍କୁଲ ଭିତରେ ବର୍ଷା ଜଳ ପଶି ଯାଇଛି। ଫଳରେ ଛାତ୍ରୀଛାତ୍ରମାନଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବନ୍ଧ ଯୋଜନା କାନପୁର ଡ୍ୟାମରେ ଗେଟ୍ ନିର୍ମାଣରେ ବିଳମ୍ବ ହେବାରୁ ବୈତରଣୀ ନଦୀର ଜଳ ସିଧାସଳଖ କ୍ଷୀପ୍ର ଗତିରେ ବହିଯାଉଛି। ମୂର୍ଗା ନାଳ, ଯୁରୁଡି ନାଳ, ହାଣ୍ଡି ଭଙ୍ଗା ନାଳ, ସମେତ ଯୋଡ଼ାର ସୁନା ନଦୀରେ ପ୍ରବଳ ବଢ଼ି ପାଣି ପ୍ରବାହିତ ହେଉଛି। ସ୍ଥାନୀୟ ଲୋକେ କହିଛନ୍ତି, ଦୁଇରୁ ତିନି ବର୍ଷ ପୂର୍ବରୁ ଏହିପରି ଜଳ ବନ୍ଦୀ ହେଉ ନ ଥିଲା। ସହରରେ ବେପରୁଆ ନିର୍ମାଣ, ଖଣି ଅଞ୍ଚଳରେ ମୃତ୍ତିକା କ୍ଷୟ ହେତୁ ଏହି ପରିସ୍ଥିତି ଉପୂନ୍ନ ହେଉଛି।

# ଅବିଶ୍ରାନ୍ତ ବର୍ଷା, ଅଶାନ୍ତ ସମୁଦ୍ର

■୧୩ ମତ୍ସ୍ୟଜୀବୀ ଉଦ୍ଧାର

■ପର୍ଯ୍ୟଟକ, ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

**ଭୋଗରାଇ, ୨।୮(ପ୍ରଦୀପ ଦାସ)**



ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗଭୀର ଅବପାତରେ ପରିଣତ ହୋଇଥିବା ବେଳେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହୋଇ ଗାଙ୍ଗେୟ ସମତଳ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେଉଛି। ଏଥିଯୋଗୁ ବାଲେଶ୍ୱର ଜିଲା ଉପକୂଳବର୍ତ୍ତୀ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରୁ ଅଦ୍ୟାବଧି ଅବିଶ୍ରାନ୍ତ ବର୍ଷା ଲାଗି ରହିଛି। ତୁହାକୁ ତୁହା ବର୍ଷା ହେଉଥିବା ବେଳେ ଖବର ଲେଖାପର୍ଯ୍ୟନ୍ତ ବତାସର ବେଗ ଘଣ୍ଟାକୁ ୫୦ରୁ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ଏହି ପବନର ବେଗ ସମୁଦ୍ରରେ ଅଧିକ ହେଉଥିବାରୁ ସମୁଦ୍ର ଅଶାନ୍ତ ରହିଛି। ବୁଧବାର ସକାଳ ୮ଟା ସୁଦ୍ଧା ଭୋଗରାଇ ବ୍ଲକରେ ୧୩୫ ମି.ମି. ବର୍ଷା ହୋଇଥିବା ଜଣାପଡିଥିବା ବେଳେ ଜିଲାରେ ସର୍ବମୋଟ ୧୬୩୮ମି.ମି. ବର୍ଷା ହୋଇଥିବା ଜିଲା ଜରୁରୀକାଳୀନ କାର୍ଯ୍ୟାଳୟରୁ ସୂଚନା ମିଳିଛି।

ଭୋଗରାଇ, ଜଳେଶ୍ୱର, ବାଲିଆପାଳ ଓ ବସ୍ତା ବ୍ଲକରେ ଅବିଶ୍ରାନ୍ତ ବର୍ଷା ଯୋଗୁ ବିଲ, କ୍ଷେତ ଜଳାର୍ଣ୍ଣବ ହୋଇଛି। ଖାଲୁଆ ଧାନ ଜମିରେ ରୁଆଯାଇଥିବା ଧାନଗଛ ବୁଡ଼ିଯାଇଥିବା ବେଳେ ଉଚ୍ଚଜମିରେ ଧାନ ରୋଇବା କାର୍ଯ୍ୟ ପାଣି ପାଇଁ ଉପଯୋଗୀ ହୋଇଛି। ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଝଟକା ପବନ ଓ ବର୍ଷା ଯୋଗୁ ପାନବରଜ କ୍ଷତି ଘଟିଛି। ଅପରପକ୍ଷରେ ପୂର୍ଣ୍ଣିମା ତିଥି ଓ ଗଭୀର ଅବପାତ ହେବାରୁ ସମୁଦ୍ର ଅଶାନ୍ତ ହୋଇଛି। ସମୁଦ୍ରର ଉତ୍ତାଳ ଢେଉ କୂଳଆଡକୁ ମାଡ଼ି ଆସି ତଟ ସୁରକ୍ଷା ପଥରବନ୍ଧରେ ମାଡ଼ ହେଉଛି। କଷାଫଳ ସମୁଦ୍ର ମୁହାଣରୁ ଗଭୀର ସମୁଦ୍ରକୁ ମାଛ ମାରିବାକୁ ଯାଇଥିବା ମା' ହିଙ୍ଗୁଳା ୨ ନାମକ ଏକ ଟ୍ରଲର ସାମୁଦ୍ରିକ ଝଡର ସମ୍ମୁଖୀନ ହୋଇ ସମୁଦ୍ର ଜୁଆର ମାଡ଼ରେ ଭାସି ଆସୁଥିବା ବେଳେ ଅନ୍ୟ ଏକ ଟ୍ରଲର ମତ୍ସ୍ୟଜୀବୀମାନେ ଜୀବନକୁ ବାଜି ଲଗାଇ ସେହି ଟ୍ରଲରରେ ଥିବା ୧୩ଜଣ ଓଡ଼ିଆ ମତ୍ସ୍ୟଜୀବୀଙ୍କୁ କୌଶଳକ୍ରମେ ଉଦ୍ଧାର କରି ଉଦୟପୁର କୂଳକୁ ଆଣିଛନ୍ତି। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଥିବା ସୂଚନା ମିଳିଛି। ଝଡ଼ବାତ୍ୟାରେ ୧୬ଘଣ୍ଟା ବିଦ୍ୟୁତ ସରବରାହ ବନ୍ଦ ରହିବା ସହ ପାନୀୟଜଳ ଯୋଗାଣ ବନ୍ଦ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସମୁଦ୍ର ଅଶାନ୍ତ ଥିବାରୁ ପର୍ଯ୍ୟଟକ ଓ ମତ୍ସଜୀବୀଙ୍କୁ ସମୁଦ୍ରକୁ ଯିବା ନିମନ୍ତେ ମତ୍ସ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି।

# ଆଖୁଆପଦାଠାରେ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

**ଭଦ୍ରକ,(ସନାତନ ରାଉତ/ରବିନାରାୟଣ ଖିଲାର)/ଧାମନଗର (ଦେବେନ୍ଦ୍ର ଆଢ଼ିଆ), ୨।୮**


ଆଖୁଆପଦାଠାରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ଥିତି ସମୀକ୍ଷା କରୁଛନ୍ତି।

■ଧାମନଗରରେ ସମୀକ୍ଷା କଲେ, ଅଧିକାରୀମାନେ ପଞ୍ଚାୟତରେ ରହିବାକୁ ନିର୍ଦ୍ଦେଶ

■ବାତ୍ୟା ଆଶ୍ରୟସ୍ଥଳ, ପକ୍କାଘରେ ଆଶ୍ରୟ ନେବାକୁ ଜନସାଧାରଣଙ୍କୁ ପରାମର୍ଶ

ଉପରମୁଣ୍ଡ କେନ୍ଦୁଝର ଅଞ୍ଚଳରେ ଦୁଇଦିନ ଧରି ପ୍ରବଳ ବର୍ଷା ଯୋଗୁ ବୈତରଣୀର ଜଳସ୍ତର ବୃଦ୍ଧିପାଇ ବିପଦ ସଙ୍କେତ ଅତିକ୍ରମ କରିଛି। ଭଦ୍ରକ ଜିଲାର ଆଖୁଆପଦା ଆନିକଟଠାରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ଧାମନଗର ଓ ଭଣ୍ଡାରିପୋଖରୀ ବ୍ଲକର ତଳିଆ ଅଞ୍ଚଳ ପାଇଁ ବନ୍ୟାଜନିତ ବିପଦ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ଜିଲା ପ୍ରଶାସନ ପକ୍ଷରୁ ଏନ୍‌ଡିଆର୍‌ଏଫ୍‌ର ୩୦ଜଣ ସଦସ୍ୟଙ୍କୁ ଧାମନଗରଠାରେ ମୁତୟନ କରାଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଖୁଆପଦା ଆନିକଟଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ସହ ସମୀକ୍ଷା କରିଛନ୍ତି। ମୁକାବିଲା ପାଇଁ ଜିଲା ଓ ସମ୍ପୃକ୍ତ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଜିଲାପାଳ କହିଛନ୍ତି। ତଳିଆ ଅଞ୍ଚଳରେ କଚାଘରେ ଥିବା ଲୋକେ ନିରାପଦ ସ୍ଥାନ ବାତ୍ୟା ଆଶ୍ରୟସ୍ଥଳ ଓ ପକ୍କାଘରକୁ ଯାଇ ଆଶ୍ରୟ ନେବାକୁ ଜିଲା ପ୍ରଶାସନ ପକ୍ଷରୁ ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକର ଲୋକଙ୍କୁ ପରାମର୍ଶ ଦିଆଇଛି। ନିରାପଦ ସ୍ଥାନକୁ ସ୍ଥାନାନ୍ତରଣ ପ୍ରକ୍ରିୟାରେ ଲୋକେ ପ୍ରଶାସନକୁ ସହଯୋଗ କରିବା ପାଇଁ ଜିଲାପାଳ ନିବେଦନ କରିଛନ୍ତି। ଆଖୁଆପଦା ଆନିକଟ ନିକଟରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ତେବେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଅଛି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

ଧାମନଗର ବ୍ଲକ ଅଞ୍ଚଳରେ ବୈତରଣୀ ନଦୀରେ ବନ୍ୟା ଆଶଙ୍କାକୁ ନେଇ ଜିଲାପାଳ ଅପରାହ୍ନରେ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ସମୀକ୍ଷା କରିଛନ୍ତି। ବ୍ଲକ ଅଧୀନ ୩୧ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ, ଜିପିଓ, ଜିଆର୍‌ଏସ୍ ପଞ୍ଚାୟତ ହେଡ୍‌କ୍ୱାର୍ଟରରେ ରହି ଲୋକଙ୍କ ସମସ୍ୟା ବୁଝିବା ସହ ଆବଶ୍ୟକ ସ୍ଥଳେ ବିଭିନ୍ନ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ବନ୍ୟା ବିପନ୍ନଙ୍କୁ ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଦମକଳ କର୍ମଚାରୀ, ବ୍ଲକ ଓ ତହସିଲ ପକ୍ଷରୁ ବୋଟ୍ ବ୍ୟବସ୍ଥା କରାଯାଇଥିବା ବେଳେ ୩୦ଜଣ ଏନ୍‌ଡିଆର୍‌ଏଫ୍ ଟିମ୍ ଧାମନଗର ଓ ଧୂଷୁରୀରେ ଉପସ୍ଥିତ ରହି ବନ୍ୟା ମୁକାବିଲା କରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସମୀକ୍ଷା ବୈଠକରେ ଉପଜିଲାପାଳ ମନୋଜ ପାତ୍ର, ଅତିରିକ୍ତ ଜିଲାପାଳ ରାମଦାସ ଗୁଡୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏବିଡିଓ ସୁଶ୍ରୀ ଶର୍ମିଷ୍ଠା ମଲିକ, ଅତିରିକ୍ତ ତହସିଲଦାର ଶାଇ ସିଲୋନା, ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସ୍‌କେପ୍‌ରୁ ବନ୍ୟାଜଳ ବାହାରି ଆନନ୍ଦପୁର, ଖଡ଼ିପଦା, ପଧାନି, ସୋହଡ଼ା, କରଦା ଆଦି ପଞ୍ଚାୟତକୁ ପ୍ରବେଶ କରିଛି। ବିଭିନ୍ନ ଦୁର୍ବଳ ନଦୀବନ୍ଧରେ ବାଲିବସ୍ତା ମହଜୁଦ ରଖାଯାଇଥିବା ଧାମନଗର ଜଳସମ୍ପଦ ବିଭାଗ ଏସ୍‌ଡିଓ ବିଜୟ ସେଠୀ କହିଛନ୍ତି।

# ଲଗାଣ ବର୍ଷାରେ ବିଭିନ୍ନ ଅଞ୍ଚଳ ଜଳମଗ୍ନ

**ସିମୁଳିଆ, ୨।୮(ସନ୍ତୋଷ ନାୟକ)**


ମଇତାପୁର ପଞ୍ଚାୟତ ମୁନିପଦା ଶିଅଳସାହି କଂକ୍ରିଟ ରାସ୍ତା ଜଳମଗ୍ନ।

ମଙ୍ଗଳବାର ସନ୍ଧ୍ୟାରୁ ଲଗାଣବର୍ଷା ଯୋଗୁ ସିମୁଳିଆ ବ୍ଲକର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି। କାଂଶବାଂଶ ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁ ବିଭିନ୍ନ ଅଞ୍ଚଳ ସମେତ ନଦୀ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ଜଳମଗ୍ନ ହୋଇପଡ଼ିଛି। କାଂଶବାଂଶ ନଦୀକୂଳବର୍ତ୍ତୀ ବାଉରିପଦା, ପାଟୁଳୀ, ପଣ୍ଡୁ, ଆଙ୍କୁଲା, କବୀରପୁର, ହରସିଂହପୁର, ବାଙ୍କପାଟଣା, ବାଇଁଶୀବାଟି ଆଦି ଅଞ୍ଚଳ ଜଳମଗ୍ନ ହୋଇଛି। ସେହିପରି ରାଜପଥ ସମ୍ପ୍ରସାରଣ ଯୋଗୁ ରାଜପଥ ପାର୍ଶ୍ୱସ୍ଥ ନୟନଯୋଡ଼ି ପୋତି ହୋଇପଡ଼ିବାରୁ ବିଭିନ୍ନ ଅଞ୍ଚଳ ମଧ୍ୟ ବୁଡ଼ି ରହିଛି। ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ପାଇଁ ଉଦ୍ୟମ ଜାରି ରହିଥିବା ତହସିଲଦାର ବିଶ୍ୱନାଥ ବିଶ୍ୱାଳ ସୂଚନା ଦେଇଛନ୍ତି। ଲଗାଣବର୍ଷା ଯୋଗୁ ସିମୁଳିଆର ବିଭିନ୍ନ ଚାଷ ଜମିଗୁଡ଼ିକ ବୁଡ଼ି ରହିଛି। ଧାନ ଜମିର କ୍ଷୟକ୍ଷତି ସମ୍ପର୍କରେ ସୂଚନା ମିଳିପାରିବ ବୋଲି କୃଷି ଅଧିକାରୀ ସ୍ଥିତପ୍ରଜ୍ଞ ଖମାରୀ ସୂଚନା ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରୁ ବୁଧବାର ସକାଳ ପର୍ଯ୍ୟନ୍ତ ୧୫୦ମି.ମି. ବର୍ଷା ହୋଇଥିବା ବେଳେ କାଂଶବାଂଶର ଜଳସ୍ତର ୭.୬୨୫ମିଟରରେ ପ୍ରବାହିତ ହେଉଛି। ଚଳିତବର୍ଷ ୧୨୨୨ମି.ମି. ବର୍ଷା ହୋଇଥିବା ସିମୁଳିଆ ସାଳନ୍ଦୀ ଜଳସେଚନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ବନ୍ୟା ସ୍ଥିତି ନେଇ ବିଧାୟକଙ୍କ ସମୀକ୍ଷା

**ଧାମନଗର, ୨।୮(ଦେବେନ୍ଦ୍ର ଆଢ଼ିଆ/ସନ୍ତୋଷ କୁମାର ମହାପାତ୍ର):** ଉପର ମୁଣ୍ଡରେ ଅବିଶ୍ରାନ୍ତ ବର୍ଷା ଯୋଗୁ ବୈତରଣୀ ଓ ଶାଖା ନଦୀଗୁଡ଼ିକରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଚଳିତବର୍ଷ ବୈତରଣୀ ନଦୀରେ ପ୍ରଥମ ବନ୍ୟା ଭଦ୍ରକ ଜିଲାର ଧାମନଗର ବ୍ଲକକୁ ସର୍ବାଧିକ ପ୍ରଭାବିତ କରିବାର ଆଶଙ୍କା ରହିଛି। ବୁଧବାର ଧାମନଗର ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ବିଭାଗୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ କରିଛନ୍ତି। ବୈତରଣୀ ଓ ବ୍ରାହ୍ମଣୀ ବେସିନ ଉପ ମୁଖ୍ୟଯନ୍ତ୍ରୀ ସରୋଜ ମିଶ୍ର ଏବଂ ଅଧୀକ୍ଷଣ ଯନ୍ତ୍ରୀ ଶରତ ଘଡ଼ାଇଙ୍କ ସମେତ ଅନ୍ୟ ଅଧିକାରୀଙ୍କଠାରୁ ନିଆଯାଇଥିବା ପଦକ୍ଷେପ ବିଷୟରେ ଅବଗତ ହେବା ସହ ଦୁର୍ବଳ ନଦୀବନ୍ଧଗୁଡ଼ିକରେ କିଭଳି ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯିବ ଏବଂ ବଲ୍କ ବାଲି ବସ୍ତା ମହଜୁଦ ରଖାଯିବ ତାହା ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ପରେ ସେ ଅଧିକାରୀଙ୍କ ସହ ଯାଇ ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସ୍‌କେପ ଷେଣ୍ଡପୁର, ଗାନ୍ଧୀଘାଟ ଆଦି ସ୍ଥାନ ପରିଦର୍ଶନ କରିଥିଲେ। ବିଧାୟକ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ଧାମନଗର ବନ୍ୟା ସମ୍ପର୍କରେ ଅବଗତ କରାଇ ତିନୋଟି ଏନ୍‌ଡିଆର୍‌ଏଫ୍ ଟିମ୍ ପଠାଇବାକୁ ଅନୁରୋଧ କରିଥିଲେ। ସେହିପରି ଜିଲାପାଳଙ୍କ ସହ କଥା ହୋଇ ସମ୍ଭାବ୍ୟ ବନ୍ୟା ପାଇଁ ବ୍ଲକ ଓ ତହସିଲରେ କ'ଣ ସାମଗ୍ରୀ ଉପଲବ୍ଧ ଅଛି ତାହା ଦେଖିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ସାଧାରଣ ଲୋକେ ବନ୍ୟା ସମ୍ପର୍କିତ କୌଣସି ସୂଚନା ଦେବା ପାଇଁ ବିଧାୟକ ହେଲ୍ପ ଲାଇନ ନମ୍ବର ୯୫୮୩୨୬୪୬୩୬ ଓ ୮୬୩୭୨୭୭୯୦୨ ଜାରି କରିଛନ୍ତି। ସରପଞ୍ଚ ଅଶୋକ ପୁହାଣ, ପୂର୍ବତନ ଜିଲା ପରିଷଦ ସଦସ୍ୟ ମନୋଜ ମଲ୍ଲିକ, ଭାଜପା ନେତା ଚତୁର୍ଭୁଜ ନାୟକ, ଅନ୍ତର୍ଯ୍ୟାମୀ ପତି ପ୍ରମୁଖ ଉପସ୍ଥିତ ଥିଲେ।


ଧାମନଗର ଜଳସେଚନ କାର୍ଯ୍ୟାଳୟରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଆଲୋଚନା କରୁଛନ୍ତି।

# ବାଗ୍‌ଡେଗା ପୋଲ ଉପରେ ଆଣ୍ଠୁଏ ପାଣି

## ଭଣ୍ଡା-ପଡୁଆ ଯାତାୟାତ ବ୍ୟାହତ

**ଚମ୍ପୁଆ,୨।୮(ମହେଶ୍ୱର ଦାସ):** କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ବାଗ୍‌ଡେଗା ପୋଲ ଉପରେ ଆଣ୍ଠୁଏ ଉପରେ ପାଣି ପ୍ରବାହିତ ହେଉଛି। ଫଳରେ ଭଣ୍ଡା ଓ ପଡୁଆ ପଞ୍ଚାୟତକୁ ଯାତାୟାତ ବ୍ୟାହତ ହୋଇଛି। ଏହି ପୋଲ ଦୀର୍ଘ ୪ ବର୍ଷ ହେବ ଦୁର୍ବଳ ହୋଇଯାଇଥିଲେ ମଧ୍ୟ ମରାମତି କରି ଗମନାଗମନ ବ୍ୟବସ୍ଥା କରାଯାଇଥିଲା। ୨ ଦିନ ଧରି ଲାଗିଥିବା ଲଗାଣ ବର୍ଷାରେ ପୋଲ ଉପରେ ପାଣି ଚାଲିଥିବାରୁ ପୁନର୍ବାର ଧୋଇଯାଇଛି। ମଙ୍ଗଳପୁର ଓ ପଡୁଆ ପଞ୍ଚାୟତ ମଧ୍ୟରେ ଥିବା ଏହି ପୋଲ ଉପରେ ସ୍ଥାନୀୟ ଲୋକ ଏବଂ ଝୁମ୍ପୁରା ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ମାତ୍ର ପୋଲ ଧୋଇଯିବା ସହ ଦବି ଯିବାରୁ ବର୍ତ୍ତମାନ ପଡୁଆ, ଭୁଇଁପୁର, ଜାଲି, ଭଣ୍ଡା ଓ ଝୁମ୍ପୁରା ବ୍ଲକ୍‌ର କୁଟୁପୋଶି ଗ୍ରାମର ଅଧିବାସୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନିଆ ନ ଗଲେ ପୋଲ ଉପରେ ନିର୍ଭର କରୁଥିବା ଲୋକେ ନାହିଁ ନଥିବା ସମସ୍ୟାର ଭୋଗିବେ।


ଧୋଇଯାଇଥିବା ବାଗ୍‌ଡେଗା ନାଳ।

# ଭିରଳ ନଦୀ ପୋଲ ଉପରେ ୧୦ଫୁଟ୍ ପାଣି

## ୨୫ ଘର, ୮ ଗୁହାଳ ଭାଙ୍ଗିଲା

**ପାଟଣା,୨।୮(ବୀର କିଶୋର ଦାଶ)**


ରାସ୍ତାରେ ବର୍ଷାପାଣି ପ୍ରବାହିତ ହେଉଛି।

କେନ୍ଦୁଝର ଜିଲା ପାଟଣା ଓ ସାହାରପଡ଼ା ବ୍ଲକ୍‌ରେ ଲଗାଣ ବର୍ଷାରେ ଜନ ଜୀବନ ବେହାଲ ହୋଇପଡ଼ିଛି। ବର୍ଷା ଜଳ ଘରେ ପଶିବା ସହ କଚ୍ଚାଘର ଓ ଗୁହାଳ ଭାଙ୍ଗି ଯାଇଛି। ସାହାରପଡ଼ା ମାଛଗଡ଼ା ରାସ୍ତାର ପାଇତା ମଜା ନିକଟରେ ଥିବା ଭିରଳ ନଦୀ ପୋଲ ଉପରେ ୧୦ ଫୁଟ୍‌ର ବର୍ଷା ଜଳ ପ୍ରବାହିତ ହେଉଛି। ଲଗାଣ ବର୍ଷାରେ ୨ ବ୍ଲକ୍‌ରେ ୨୫ ଘର ଓ ୮ ଗୁହାଳ ଭାଙ୍ଗିଛି। ସାହାରପଡ଼ା ବ୍ଲକ୍‌ରେ ସର୍ବାଧିକ ୨୭୬.୮ ମିଲି ମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ପାଟଣାରେ ୨୨୦.୨ ମିଲି ମିଟର ବୃଷ୍ଟିପାତ ରେକର୍ଡ କରାଯାଇଥିବା ଜିଲା କୃଷି ଅଧିକାରୀ ମିହିର କୁମାର ସାହୁ ସୂଚନା ଦେଇଛନ୍ତି।

ପାଟଣା ବ୍ଲକ୍ ରାଜନଗର କେନ୍ଦେଇପଶି ରାସ୍ତାର ଡେଣୁଆଁ ନିକଟରେ ଥିବା ଜହ୍ନେଇ ନାଳ ପୋଲ ଉପରେ ୪ ଫୁଟ୍ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଥିବାରୁ ପାଟଣା ମୁଖ୍ୟାଳୟକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି ସାହାରପଡ଼ା ବ୍ଲକ୍ କୁମୁଳାବାହାଳୀଠାରେ ତେଲ ନଦୀ ଉପରେ ବର୍ଷା ଜଳ ପ୍ରବାହିତ ହେଉଛି। କେନ୍ଦୁଝରରୁ ମୟୂରଭଞ୍ଜ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏଥିସହ ଘୋଳକୁଣ୍ଡ ନିକଟରେ ମଧ୍ୟ ତେଲ ନଦୀ ଉପରେ ବର୍ଷା ଜଳ ପ୍ରବାହିତ ହେଉଥିବାରୁ ସାହାରପଡ଼ା ବ୍ଲକ୍‌ର ଦାମାହୁଦା ପଞ୍ଚାୟତର ୫ରୁ ଊର୍ଦ୍ଧ୍ୱ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ସାହାରପଡ଼ା ମାଛଗଡ଼ା ରାସ୍ତାର ପାଇତା ମଜା ନିକଟରେ ଥିବା ଭିରଳ ନଦୀ ପୋଲ ଉପରେ ୧୦ ଫୁଟ୍‌ର ବର୍ଷା ଜଳ ପ୍ରବାହିତ ହେଉଛି। ଲଗାଣ ବର୍ଷାରେ ସାହାରପଡ଼ା ତହସିଲ ଅଧୀନରେ ୧୭ ଘର ୪ ଗୁହାଳ ବର୍ଷା ଭାଙ୍ଗି ଯାଇଥିବା ତହସିଲଦାର ପ୍ରିୟଙ୍କା ପ୍ରଧାନ କହିଛନ୍ତି। ଅସ୍ତ ଯୋଡ଼ିରେ ୨ ଓ ଦାମା ହୁଦାରେ ଗୋଟିଏ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ, ୪ ଗୁହାଳ ଓ ୧୪ ଘର ଆଂଶିକ କ୍ଷତି ହୋଇଛି। ପାଟଣା ତହସିଲ ଅଞ୍ଚଳରେ ୫ ଘର ଭାଙ୍ଗି ଯାଇଥିବା ଅତିରିକ୍ତ ତାହସିଲଦାର ଶରଣ କୁମାର ଜେନା କହିଛନ୍ତି।

# ବଢୁଛି ବୁଢ଼ାବଳଙ୍ଗ, ଗଙ୍ଗାହାର

**ବାରିପଦା,୨।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

■ଖୋଲିଲା କଣ୍ଟ୍ରୋଲ୍ ରୁମ୍, ବନ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ

■ଆଜି ବନ୍ଦ ରହିବ ଜିଲାର ସମସ୍ତ ସ୍କୁଲ

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ମୟୂରଭଞ୍ଜ ଜିଲା ଦେଇ ପ୍ରବାହିତ ବୁଢ଼ାବଳଙ୍ଗ, ଗଙ୍ଗାହାର, ପଳପଳା, ଖଇରୀ ଓ ସୋନ ନଦୀରେ ଜଳପତ୍ତନ ବୃଦ୍ଧି ପାଇଛି। ବିଭିନ୍ନ ସ୍ଥାନରେ ରାସ୍ତା ଓ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ତଳିଆ ଅଞ୍ଚଳଗୁଡ଼ିକ ଜଳମଗ୍ନ ହେବା ସହ ବ୍ୟାପକ ଚାଷଜମି କ୍ଷତିଗ୍ରସ୍ତ ହେବା ଆଶଙ୍କା ଉପୁଜିଛି । ସେହିପରି ଲଗାଣ ବର୍ଷା ପାଇଁ ଜିଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଥିବାରୁ ସମସ୍ତ ସରକାରୀ ବେସରକାରୀ ସ୍କୁଲଗୁଡିକ ଗୁରୁବାର ବନ୍ଦ କରିବାକୁ ଜିଲାପାଳ ବିନୀତ ଭରଦ୍ୱାଜ ନିର୍ଦ୍ଦେଶ ଦେଇଛନ୍ତି।

ବୁଢ଼ାବଳଙ୍ଗ ନଦୀରେ ବନ୍ୟାଜଳ ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ବାରିପଦାର ମଧୁବନ ସମେତ ତଳିଆ ଅଞ୍ଚଳରେ ପାଣି ପଶିଛି। ମଙ୍ଗଳବାର ଜିଲାର କରଞ୍ଜିଆରେ ସର୍ବାଧିକ ୩୦୦.୬ମି.ମି. ବର୍ଷା ହୋଇଥିବା ବେଳେ ସାରସକଣା ବ୍ଲକରେ ସର୍ବନିମ୍ନ ୪୨ମି.ମି.ବର୍ଷା ରେକର୍ଡ କରାଯାଇଛି। ବୁଧବାର ସନ୍ଧ୍ୟା ୬ଟା ସୁଦ୍ଧା ବାରିପଦା ଅସ୍ତିଆଠାରେ ବୁଢ଼ାବଳଙ୍ଗ ନଦୀର ଜଳପତ୍ତନ ୨୪ମିଟର ରହିଥିବା ବେଳେ ବିପଦ ସଙ୍କେତ ୩୦.୯୨ମିଟର ରହିଥିଲା। ସେହିପରି ଜୟପୁରଠାରେ ସୋନ ନଦୀର ଜଳପତ୍ତନ ୨୩.୭୨ମିଟର ଥିବା ବେଳେ ବିପଦ ସଙ୍କେତ ୨୬.୧୦ମିଟର ରହିଛି। ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀର ଜଳପତ୍ତନ ୪.୮୮ମିଟର ଥିବା ବେଳେ ବିପଦ ସଙ୍କେତ ୧୦.୩୬ମିଟର ରହିଛି। ସେହିପରି ବାଲି ମୁଣ୍ଡୁଳୀରେ ଗଙ୍ଗାହାର ନଦୀର ଜଳପତ୍ତନ ୩୭.୬୮ମିଟର ରହିଥିବା ବେଳେ ବିପଦ ସଙ୍କେତ ୪୦ମିଟର ରହିଛି। ଠାକୁରମୁଣ୍ଡା ଓ କରଞ୍ଜିଆ ଅଗ୍ନିଶମ ବିଭାଗ ପକ୍ଷରୁ ତଳିଆ ଅଞ୍ଚଳରୁ ୭୦ଜଣ ଲୋକଙ୍କୁ ବୋଟ୍ ମାଧ୍ୟମରେ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ଅଣାଯାଇଛି। ବନ୍ୟା ପ୍ରଭାବିତ ବ୍ଲକର ବିଡିଓ ତହସିଲଦାର ଓ ସବଡିଭିଜନାଲ ଅଧିକାରୀମାନଙ୍କୁ ସଜାଗ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କପ୍ତିପଦା ବ୍ଲକ ଅଞ୍ଚଳରେ ଦୁଇଟି ଘର ସମ୍ପୂର୍ଣ୍ଣ ଭାଙ୍ଗିଥିବା ବେଳେ ୧୦୦ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ସେହିପରି ୨ଟି ବଳଦକୁ ମିଶାଇ ୮ଟି ପଶୁସମ୍ପଦ ମୃତ୍ୟୁବରଣ କରିଛନ୍ତି। କରଞ୍ଜିଆ ଏନ୍‌ଏସି ଅଞ୍ଚଳରେ ଜଳ ଘେରରେ ରହିଥିବା ଲୋକଙ୍କୁ ନିକଟସ୍ଥ ସ୍କୁଲ ଘରେ ଆଶ୍ରୟ ଦିଆଯାଇଛି। ଜିଲାରେ କଣ୍ଟ୍ରୋଲ ରୁମ ଖୋଲାଯାଇଥିବା ବେଳେ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ପ୍ରସ୍ତୁତ ରଖାଯାଇଛି। ଶୁଖିଲା ଖାଦ୍ୟ ଗଚ୍ଛିତ ରଖାଯାଇଥିବା ବେଳେ ଜଟିଳ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିଛି ବୋଲି ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ ପତି କହିଛନ୍ତି ।

### ଶିମିଳିପାଳରେ ପ୍ରବଳ ବର୍ଷା

ବାରିପଦା,୨।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଲଘୁଚାପ ଜନିତ ପ୍ରବଳ ବର୍ଷା ହୋଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୧ ତାରିଖ ସକାଳ ୬ଟାରୁ ୨୪ଘଣ୍ଟା ମଧ୍ୟରେ କବାଟଘାଇ ଅଞ୍ଚଳରେ ସର୍ବାଧିକ ୨୪୮.୯୨ ମି.ମି. ବର୍ଷା ହୋଇଥିବା ବେଳେ ଜେନାବିଲ ଅଞ୍ଚଳରେ ସର୍ବନିମ୍ନ ୨୭.୯୪ ମି.ମି.ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁ ଗୁଡଗୁଡ଼ିଆ ଅଞ୍ଚଳ ଦେଇ ପ୍ରବାହିତ ଖଇରୀ ନଦୀର ଜଳପତ୍ତନ ବୃଦ୍ଧି ପାଇ ପୋଲ ଉପରେ ପ୍ରବାହିତ ହେଉଛି। ଫଳରେ ଯୋଗଯୋଗ ବିଚ୍ଛିନ୍ନ ହୋଇଛି। ଶିମିଳିପାଳର ବର୍ଷା ଜଳ ନିକଟସ୍ଥ ଖଇରୀ, ୱେଷ୍ଟଦେଓ, ସାଳନ୍ଦୀ, ଠକଠକି, ବୈତରଣୀ, ଭଣ୍ଡନ, ବୁଢ଼ାବଳଙ୍ଗ, ଖଡ଼ଖାଇ, ବନ୍ଧନ, ପଳପଳା, ଗଙ୍ଗାହାର ନଦୀରେ ପ୍ରବାହିତ ହେବା ସହ କାଳ ଓ ସୁନେଇ ଡ୍ୟାମରେ ଜଳପତ୍ତନ ବୃଦ୍ଧି ପାଇଛି। ସେହିପରି ୨ତାରିଖ ସକାଳ ୬ଟାରୁ ଅପରାହ୍ନ ୨ଟା ମଧ୍ୟରେ ପୋଡାଡିହା ଅଞ୍ଚଳରେ ସର୍ବାଧିକ ୧୦୬.୬୮ମି.ମି ବର୍ଷା ହୋଇଛି।

**ବର୍ଷା ଜଳରେ ଭାସି ଆସିଲା ଅଜଗର**

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ଜୁରୁଡିସ୍ଥିତ ଏକ ଖଣି ସିକ୍ୟୁରିଟି ବ୍ୟାରେକରୁ ଏକ ଅଜଗର ସାପ ଖଣି ସୁରକ୍ଷା କର୍ମୀମାନେ ଉଦ୍ଧାର କରିଛନ୍ତି। ତାକୁ ଜଙ୍ଗଲରେ ଛାଡ଼ି ଦେଇଥିବା ସୂଚନା ମିଳିଛି। ଜୁରୁଡି ନାଳ ଦେଇ ପ୍ରବଳ ଜଳ ସ୍ରୋତରେ ଅଜଗର ସାପଟି ଭାସି ଆସି ବ୍ୟାରେକରେ ପଶି ଯାଇଥିଲା। ଏ ନେଇ କେନ୍ଦୁଝର ଡିଏଫ୍ଓ ଏଚ୍.ଡି ଧନରାଜ କହିଥିଲେ, ଘଟଣା ର ତଦନ୍ତ କରାଯିବ। ସମ୍ପୃକ୍ତ ଖଣି ପକ୍ଷରୁ ବନ ବିଭାଗକୁ ଘଟଣା ସମ୍ପର୍କରେ ସୂଚନା ଦେବା ଉଚିତ। ଏ ନେଇ ବନ ବିଭାଗ ପକ୍ଷରୁ ୱାର୍ଣ୍ଣିଂ ଦିଆଯିବ ବୋଲି କହିଥିଲେ।

# ବିପଦସଙ୍କେତ ଟପିଲା ବୈତରଣୀ, ଜଳକା


ଭଣ୍ଡାରିପୋଖରୀ ଆଖୁଆପଦା ଆନିକଟଠାରେ ବୈତରଣୀରେ ପ୍ରବାହିତ ବନ୍ୟାଜଳ।


ବିପଦସଙ୍କେତ ଉପରେ ଜଳକା ଜଳସ୍ତର।

**ଭଣ୍ଡାରିପୋଖରୀ (ରବିନାରାୟଣ ଖିଲାର)/ଆନନ୍ଦପୁର (ସନ୍ତୋଷ ରାଉତ)/ରୂପସା (ବାଞ୍ଛାନିଧି ଦେ), ୨।୮**

ଗତ ୨୪ ଘଣ୍ଟା ଧରି ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଆନିକଟ ଓ କେନ୍ଦୁଝର ଜିଲା ଆନନ୍ଦପୁରଠାରେ ବୈତରଣୀ ନଦୀ ବୁଧବାର ବିପଦସଙ୍କେତ ଟପିଛି। ଆଖୁଆପଦାଠାରେ ବୈତରଣୀର ବିପଦ ସଙ୍କେତ ୧୭.୮୩ ମିଟର ଥିବାବେଳେ ରାତି ୯ଟା ସୁଦ୍ଧା ୧୯. ୫୬ ମିଟର ଉପରେ ବନ୍ୟାଜଳ ପ୍ରବାହିତ ହୋଇଥିଲା। ଜଳସ୍ତର ବୃଦ୍ଧି ପାଉଥିବା ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଶଙ୍କର୍ଷଣ ବେହେରା କହିଛନ୍ତି। ବ୍ଲକର ଖାଲୁଆ ଅଞ୍ଚଳରେ ବର୍ଷାଜଳ ଭରି ରହିଥିବା ବେଳେ ନଦୀରେ ବନ୍ୟା ଆସି ମାଳଦା, ଷୋଳମପୁର, ନପଙ୍ଗ, ଝୁଟୁଣା ଆଦି ପଞ୍ଚାୟତରେ ବନ୍ୟାଜଳ ପ୍ରବେଶ କରିଛି। ସେହିପରି ବାଲେଶ୍ୱର ଜିଲା ବସ୍ତା ବ୍ଲକ୍ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ବୁଧବାର ବୃଦ୍ଧି ପାଇଛି। ମଥାନୀଠାରେ ଏହି ନଦୀର ବିପଦସଙ୍କେତ ୫.୫୦ ମିଟର ଥିବାବେଳେ ରାତି ୯ଟା ସୁଦ୍ଧା ନଦୀର ଜଳସ୍ତର ବୃଦ୍ଧି ହୋଇ ୬.୧୯ ମିଟରରେ ପହଞ୍ଚିଛି। ଫଳରେ ନଦୀତଳିଆ ଅଞ୍ଚଳରେ ପାଣିମାଡ଼ିବା ସହିତ ନଦୀ ପାର୍ଶ୍ୱବର୍ତ୍ତୀ ଚାଷଜମି ସବୁ ଜଳମଗ୍ନ ହୋଇଛି।

ସକାଳ ୬ଟାରେ ଆନନ୍ଦପୁରଠାରେ ବୈତରଣୀର ବନ୍ୟାଜଳ ୩୪.୦୩୦ ମିଟର ରହିଥିଲା ବେଳେ ୯ଟାରେ ସତର୍କସଙ୍କେତ ଅତିକ୍ରମ କରି ୩୭.୪୫୦ ମିଟରରେ ପ୍ରବାହିତ ହୋଇଥିଲା। ଏଠାରେ ବୈତରଣୀ ନଦୀର ସତର୍କ ସୂଚନା ୩୭.୪୪୫ମିଟର ରହିଥିବା ବେଳେ ବିପଦସଙ୍କେତ ୩୮.୩୬୦ମିଟର ରହିଛି। ଅପରାହ୍ନ ୧ଟାରେ ବିପଦସଙ୍କେତ ଅତିକ୍ରମ କରି ୪୦ମିଟର ଉପରେ ବନ୍ୟାଜଳ ପ୍ରବାହିତ ହୋଇଥିଲା। ସନ୍ଧ୍ୟା ୭ଟା ସୁଦ୍ଧା ୩୯.୦୫୦ ମିଟର ରହିଥିବା ବେଳେ ଚମ୍ପୁଆ ଅଞ୍ଚଳରୁ ପାଣି ଆସିଲେ ଜଳସ୍ତର ବଢ଼ିବ ବୋଲି ସିଡବ୍ଲୁସି ପକ୍ଷରୁ ସୂଚନା ମିଳିଛି। ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ଜଳସ୍ତର ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ବୈତରଣୀ ଜଳସ୍ତର ବୃଦ୍ଧି ପାଇବା ଘଟଣାକୁ ନେଇ ତଳିଆ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ଏପରିକି ଫକୀରପୁରଠାରେ ନଦୀ ବନ୍ଧର କେତେକ ସ୍ଥାନ ଦୁର୍ବଳ ରହିଥିବାରୁ ପ୍ରଶାସନ ପକ୍ଷରୁ ଆଗୁଆ ବାଲିବସ୍ତା ପ୍ରସ୍ତୁତ କରି ରଖାଯାଇଛି। ତେବେ ବନ୍ଧର ଉଭୟପାର୍ଶ୍ୱ ଘାସଲଟାରେ ପରିପୂର୍ଣ୍ଣ ରହିଥିବାବେଳେ ଦୁର୍ବଳ ସ୍ଥାନଗୁଡ଼ିକ ସ୍ପଷ୍ଟ ବାରି ହେବାରେ ସମସ୍ୟା ସୃଷ୍ଟି ହେଉଛି। ବୈତରଣୀ ବନ୍ୟାଜଳ ବୃଦ୍ଧି ପାଇ ଆନନ୍ଦପୁର ପୌର ପରିଷଦ ୧୩ ନଂ. ୱାର୍ଡ ସାଉଁଟିସାହିରେ ପ୍ରବେଶ କରିବା ଫଳରେ ୨୦ରୁ ଊର୍ଦ୍ଧ୍ୱ ପରିବାର ପାଣି ଘେରରେ ରହିଥିଲେ। ପ୍ରାଥମିକ ସ୍ତରରେ ସ୍ଥାନୀୟ କାଉନ୍ସିଲର ସମ୍ବିତ କୁମାର ଦାସ ସେମାନଙ୍କୁ ନିକଟସ୍ଥ ସ୍କୁଲରେ ଥଇଥାନର ବ୍ୟବସ୍ଥା କରିଥିଲେ। ପରବର୍ତ୍ତୀ ସମୟରେ ଆନନ୍ଦପୁର ପୌର ଅଧିକାରୀଙ୍କ ସମେତ ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ ଘଟଣାସ୍ଥଳରେ ପହଞ୍ଚି ପ୍ରଭାବିତ ପରିବାରବର୍ଗଙ୍କୁ ରନ୍ଧାଖାଦ୍ୟ ଦେବାର ବ୍ୟବସ୍ଥା କରିଥିଲେ। ଆନନ୍ଦପୁର ବ୍ଲକ୍ ଟୁକୁଣାଠାରେ ଥିବା କୁଣ୍ଡେଶ୍ୱର ଶୈବପୀଠ ଜଳାର୍ଣ୍ଣବ ହୋଇଛି। ମନ୍ଦିରର ଅଧା ପର୍ଯ୍ୟନ୍ତ ବନ୍ୟାଜଳରେ ବୁଡ଼ି ରହିଛି। ସେହିପରି ରାତିରେ ଉପରମୁଣ୍ଡରେ ପ୍ରବଳ ବର୍ଷା ହେଲେ ଜଳକା ନଦୀର ଜଳସ୍ତର ଅଧିକ ବଢ଼ିବା ସହିତ ଏକ ବଡ଼ ବନ୍ୟାର ଆଶଙ୍କା ରହିଛି। ଜଳସେଚନ ବିଭାଗ ଯନ୍ତ୍ରୀ ମହେଶ୍ୱର ସିଂ କହନ୍ତି, ଦିନତମାମ୍ ପ୍ରତି ଘଣ୍ଟାରେ ଜଳକାର ଜଳସ୍ତର ବୃଦ୍ଧି ହେଉଥିବା ପରିଲକ୍ଷିତ ହେଉଛି। ବନ୍ୟା ହେଲେ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା ହୋଇଛି। ଦୁର୍ବଳ ନଦୀବନ୍ଧ ପ୍ରତି ନଜର ରଖାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ବୈତରଣୀ ନଦୀର ଉପରମୁଣ୍ଡ ଠାକୁରମୁଣ୍ଡାଠାରେ ସର୍ବାଧିକ ୨୬୪.୪ ମିମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି କେନ୍ଦୁଝରଠାରେ ୧୮୪.୮, ଚମ୍ପୁଆରେ ୧୧୧.୪, ସାମପାଟଣାରେ ୧୭୦.୨ ଓ ଆନନ୍ଦପୁରଠାରେ ୯୬.୨ ମିମି ବର୍ଷା ହୋଇଛି।

## ବର୍ଷାରେ ବୁଡ଼ିଲା ରାସ୍ତା, ଚାଷଜମି

**ଭଦ୍ରକ, ୨।୮ (ସନାତନ ରାଉତ)**

ଲଘୁଚାପ ପ୍ରଭାବରେ ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ବର୍ଷା ଲାଗି ରହିଥିବାରୁ ଭଦ୍ରକ ଜିଲାର ଅଧିକାଂଶ ଅଞ୍ଚଳରେ ସ୍ଥିତି ସଙ୍ଗିନ ହୋଇଛି। ଚାଷଜମି ଜଳାର୍ଣ୍ଣବ ହୋଇଥିବା ବେଳେ ଅଧିକାଂଶ ରାସ୍ତା ବୁଡ଼ିଛି। ଜିଲାର ବନ୍ତ ବ୍ଲକ କାଦବରାଙ୍ଗ-ଆଡ଼ିଆ ରାସ୍ତାର ଅଘିରା ଗଡ଼ିଆ ନିକଟରେ ଘାଇ ସୃଷ୍ଟି ହେବା ସହ ବାଙ୍କିତିରାଠାରେ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚରେ ପାଣି ଚାଲିଛି।

ସେହିପରି କାଦବରାଙ୍ଗ କେନାଲ ପୋଲ ନିକଟରେ ୪ ଫୁଟ୍ ଉଚ୍ଚରେ ପ୍ରଖର ସ୍ରୋତ ଚାଲିଥିବାରୁ ଯାତାୟାତ ବନ୍ଦ ରହିଛି। ମୁଣ୍ଡୁଳି-ଭଗାରାମ, ତୁମ୍ବାପଦୀ-ସରମରା ରାସ୍ତା ଉପରେ ପାଣି ଚାଲିଛି। ଚାଷଜମି ଜଳମଗ୍ନ ହୋଇଥିବା ବେଳେ ଧାନତଳି ପାଣିରେ ବୁଡ଼ି ରହିଛି। ଆଉ ଅଳ୍ପଦିନ ମଧ୍ୟରେ ଧାନତଳି ରୁଆ ଆରମ୍ଭ ହୋଇଥାନ୍ତା। ପାଣିରେ ବୁଡ଼ି ରହିଥିବାରୁ ତଳି ନଷ୍ଟ ହେବା ନେଇ ଚାଷୀ ମହଲରେ ଆଶଙ୍କା ସୃଷ୍ଟି ହୋଇଛି।


ବାଙ୍କିତିରାଠାରେ ରାସ୍ତାରେ ବର୍ଷାପାଣି ସୁଅ ଚାଲିଛି।

## ସାହାରପଡ଼ାରେ ସର୍ବାଧିକ ୨୭୬.୮ ମି.ମି. ବୃଷ୍ଟିପାତ

**କେନ୍ଦୁଝର, ୨।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ବାଂଶପାଳ, ଯୋଡ଼ା, ଚମ୍ପୁଆ, ପାଟଣା, ସାହାରପଡ଼ା ଅଞ୍ଚଳରେ ଗତ ୨୪ ଘଣ୍ଟା ଅଧିକ ବର୍ଷା ହୋଇଛି। ଏଥିରେ କେନ୍ଦୁଝରରେ ୧୩୮.୫ ମି.ମି., ବାଂଶପାଳ ବ୍ଲକ୍‌ରେ ୧୪୫.୫ ମି.ମି., ତେଲକୋଇରେ ୧୮୬.୫ ମି.ମି., ପାଟଣାରେ ୨୨୦.୨ ମି.ମି., ସାହାରପଡ଼ାରେ ୨୭୬.୮ ମି.ମି., ଘଟଗାଁରେ ୧୨୧.୮ ମି.ମି., ହରିଚନ୍ଦନପୁରରେ ୮୮ ମି.ମି., ଆନନ୍ଦପୁରରେ ୭୬.୧ ମି.ମି., ଚମ୍ପୁଆରେ ୧୩୪ ମି.ମି., ଯୋଡ଼ାରେ ୧୧୬.୭ ମି.ମି., ଝୁମ୍ପୁରାରେ ୧୦୧.୨ ମି.ମି. ବର୍ଷା ରେକର୍ଡ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# କାନ୍‌ଝାରୀ ଡ୍ୟାମ୍‌ରୁ ଛଡ଼ାଗଲା ପ୍ରଥମ ବନ୍ୟାଜଳ

**କେନ୍ଦୁଝର, ୨।୮ (ଦୀପକ ମିଶ୍ର)**

ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ କେନ୍ଦୁଝର କାନ୍‌ଝାରୀ ଡ୍ୟାମ୍ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି। ଏ ନେଇ ବୁଧବାର ଗୋଟିଏ ଗେଟ ଖୋଲା ଯାଇ ଚଳିତବର୍ଷର ପ୍ରଥମ ବନ୍ୟା ଜଳ ଛଡ଼ାଯାଇଛି। କେନ୍ଦୁଝର ସଦର ଏବଂ ଘଟଗାଁ ବ୍ଲକ୍ ସୀମାନ୍ତରେ ଅବସ୍ଥିତ କାନ୍‌ଝାରୀ ନଦୀବନ୍ଧ ପ୍ରକଳ୍ପର ଜଳଭଣ୍ଡାର ମଧ୍ୟକୁ ମୁଖ୍ୟତଃ କାଣିଝର, ବୁଢ଼ୀନଦୀ ଓ ହନୁମତିଆ ନାଳରୁ ବନ୍ୟା ଜଳ ପ୍ରବେଶ କରିଥାଏ। ମଙ୍ଗଳବାର ରାତିଠାରୁ କ୍ରମାଗତ ଭାବେ ପ୍ରବଳ ବର୍ଷା ହେବାରୁ ନଦୀ ଓ ନାଳରେ ବନ୍ୟା ଜଳ ଆସି କାନ୍‌ଝାରୀ ଜଳ ଭଣ୍ଡାରରେ ପ୍ରବେଶ କରି ଜଳସ୍ତର ବୃଦ୍ଧି ପାଇଥିଲା। ଡ୍ୟାମ୍‌ର ଗୋଟିଏ ଗେଟ ଖୋଲାଯାଇ ନଦୀ ମଧ୍ୟକୁ ବନ୍ୟା ଜଳ ନିଷ୍କାସନ କରାଯାଇଛି। ଗେଟ୍ ଖୋଲାଯିବା ସମୟରେ କାନ୍‌ଝାରୀ ଜଳସେଚନ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ ଚତୁର୍ଭୁଜ ନାଏକ, ସହକାରୀ ଯନ୍ତ୍ରୀ ଇଂ ନରେନ୍ଦ୍ର ନାଏକ, ଇଂ ବୀରବର ସେଠୀ, କନିଷ୍ଠ ଯନ୍ତ୍ରୀ ଇଂ ଅରବିନ୍ଦ କୁମାର ନାଏକ, ରମେଶ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ୟାଜଳ ନିଷ୍କାସନ ପୂର୍ବରୁ ଡ୍ୟାମ ତଳମୁଣ୍ଡ ଉଭୟ ପାର୍ଶ୍ୱର ଗାଁ ଗୁଡ଼ିକର ଜନସାଧାରଣଙ୍କୁ ମାଇକ୍ ଓ ସାଇରନ ଦ୍ୱାରା ସଚେତନ କରାଯାଇଥିଲା। ବର୍ତ୍ତମାନ କାନ୍‌ଝାରୀ ଡ୍ୟାମ ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୪୫୩ କ୍ୟୁସେକ ଜଳ ପ୍ରବେଶ କରୁଛି। ଗୋଟିଏ ଗେଟ୍ ମାଧ୍ୟମରେ ପ୍ରତି ସେକେଣ୍ଡରେ ୪୭୧.୪୭ କ୍ୟୁସେକ୍ ବନ୍ୟାଜଳ ନିଷ୍କାସିତ ହେଉଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।


କାନ୍‌ଝାରୀ ଡ୍ୟାମରୁ ଗୋଟିଏ ଗେଟ୍ ଦେଇ ବନ୍ୟାଜଳ ପ୍ରବାହିତ ହେଉଛି।

# ତୁହାକୁ ତୁହା ବର୍ଷା, ଜଳଘେରରେ ୫୦ରୁ ଊର୍ଦ୍ଧ୍ୱ ଗାଁ



ଖଇରା ବ୍ଲକ ସମ୍ମୁଖରେ ବନ୍ୟାଜଳ ପ୍ରବାହିତ ହେଉଛି।


ଜିଲାପାଳ ଓ ବିଧାୟକ କେନାଲରେ ଘାଇ ହୋଇଥିବା ସ୍ଥାନ ପରିଦର୍ଶନ କରୁଛନ୍ତି।

## ଆମ୍ବହତା କେନାଲରେ କୃତ୍ରିମ ଘାଇ, ବୁଡ଼ିଲା ଖଇରା ବଜାର

**ଖଇରା, ୨।୮ (ଉତ୍କଳବନ୍ଧୁ ପଣ୍ଡା)**

୨ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ପ୍ରଭାବରୁ ଖଇରାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ୩୭ ପଞ୍ଚାୟତର ପାଖାପାଖି ୫୦ଗ୍ରାମ ଜଳଘେରରେ ରହିଛି। ବହୁ ସ୍ଥାନରେ ଘାଇ ସୃଷ୍ଟି ହେବା କାରଣରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସୋର-କୁପାରୀ, କୁପାରୀ-ରାଣିତାଲ, କୁପାରୀ-ଆଗରପଡା ରାସ୍ତାର ବିଭିନ୍ନ ସ୍ଥାନରେ ୩ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେଉଥିବାରୁ ଯାନବାହନ ଚଳାଚଳ ସକାଳେ ବନ୍ଦ ରହିଥିବା ବେଳେ ଅପରାହ୍ନରେ ପାଣି କମିବା ପରେ କିଛିଟା ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଖଇରା ବଜାରର ବ୍ୟବସାୟୀ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ନେଇ ଅଭିଯୋଗ ହୋଇଛି। ଆମ୍ବହତା କେନାଲ ବନ୍ଧକୁ କିଛି ଲୋକ ଇଚ୍ଛାକୃତ ଭାବେ ହାଣି ଦେବା କାରଣରୁ ଖଇରା ବଜାରରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ହଠାତ୍ ମଙ୍ଗଳବାର ରାତିରେ ଦୋକାନରେ ପାଣି ପଶିବା କାରଣରୁ ପାଖାପାଖି ୪ଶହ ଦୋକାନର ଜିନିଷପତ୍ର ନଷ୍ଟ ହୋଇଛି । ଏଥିପାଇଁ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥାକୁ ମଧ୍ୟ ଗ୍ରାମବାସୀ ଦାୟୀ କରିଛନ୍ତି। ଖାଲି ବ୍ୟବସାୟୀ ନୁହେଁ ଖଇରା ବ୍ଲକ, ତହସିଲ, ଥାନା କ୍ୱାର୍ଟର୍ସରେ ପାଣି ପଶିବା କାରଣରୁ ଅଫିସ କାମ ବାଧାପ୍ରାପ୍ତ ହୋଇଛି। ଖଇରା ସଂଲଗ୍ନ ବିଶୁନପୁର, ନଟାପଡା, ଆଳଦା, ତାଳମହୁରୀ ତୋରାଣିପଦା ଆଦି ଗ୍ରାମରୁ ଲୋକମାନେ ବାହାରକୁ ବାହାରି ପାରୁନାହାନ୍ତି। କାଂଶବାଂଶ, ପଥରକଟା, ପଥରଶୁଣି, ଛାଞ୍ଚୁଣିଆ ଓ ଗେଙ୍ଗୁଟି ନଦୀରେ ବନ୍ୟା ଆସିବା କାରଣରୁ ସାରଡାଙ୍ଗ, କୁରୁଣ୍ଟା, ମାଖନପୁର, ଗୋଳିହା, ନନ୍ଦୁର, ମହତୀପୁର, ଝିଙ୍କିରିଆ ଓ ଡୁଙ୍ଗୁରା ଆଦି ପଞ୍ଚାୟତର ବହୁ ଗ୍ରାମ ଜଳବନ୍ଦୀରେ ରହିଛନ୍ତି। ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଡିଓ ଉତ୍ତମ କୁମାର ଜେନା, ତହସିଲଦାର ପ୍ରଶାନ୍ତ କୁମାର ମହାରଣା, ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରମୁଖ ବନ୍ୟା ପରିସ୍ଥିତି ବୁଲି ଦେଖିଛନ୍ତି। ସେହିଭଳି କେନାଲରେ ଘାଇ ହୋଇଥିବା ସ୍ଥାନକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଜଳଘେରରେ ଥିବା ଲୋକଙ୍କ ପାଇଁ ଆଶ୍ରୟସ୍ଥଳୀ ବ୍ୟବସ୍ଥା ସହ ରନ୍ଧାଖାଦ୍ୟ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଡ୍ରେନ ପରିଷ୍କାର କରି ଯୁଦ୍ଧକାଳୀନ ଭିତ୍ତିରେ ଜଳ ନିଷ୍କାସନ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ ବରିଷ୍ଠ ନେତା ପଦ୍ମଲୋଚନ ପଣ୍ଡା, କଂଗ୍ରେସର ଯୁବନେତା ହିଂମାଂଶୁ ଶେଖର ବେହେରା ନିଜ କର୍ମୀମାନଙ୍କ ସହ ଖଇରା ବଜାର ବୁଲି ଦେଖିବା ସହ ଦୋକାନୀମାନଙ୍କ ପାଇଁ କ୍ଷତିପୂରଣ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ପ୍ରତିବର୍ଷ ଏଭଳି ଆସୁଥିବା କୃତ୍ରିମ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସେ ଜିଲାପାଳ ଓ ବିଡିଓଙ୍କ ସହ ଆଲୋଚନା କରିଥିଲେ। ଜଳଘେରରେ ଥିବା ଲୋକଙ୍କୁ ଉଦ୍ଧାର କରିବା ଲାଗି ଓଡ୍ରାଫ ଟିମ୍ ପହଞ୍ଚିଛନ୍ତି।

# ଖୋଲିଲା ସୁନେଇ, କାଳ ଡ୍ୟାମ୍‌ର ୫ ଗେଟ୍

**ଉଦଳା, ୨।୮ (ସନ୍ତୋଷ କୁମାର ବାଛିନୀ)**

ଲଘୁଚାପ ଜନିତ ଲଗାଣ ବର୍ଷାରେ ବେହାଲ ହୋଇପଡ଼ିଛି କପ୍ତିପଦା ଉପଖଣ୍ଡର କପ୍ତିପଦା ଓ ଉଦଳା ବ୍ଲକ ଅଞ୍ଚଳ। ମଙ୍ଗଳବାର ରାତିରେ ଉପରମୁଣ୍ଡ ଶିମିଳିପାଳରେ ପ୍ରବଳ ବର୍ଷା ହୋଇଥିବାରୁ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ବର୍ଷା ଲାଗି ରହିଥିବାରୁ କପ୍ତିପଦା ଉପଖଣ୍ଡରେ ଥିବା ସୁନେଇ ଡ୍ୟାମର ୪ ଗେଟ୍ ଖୋଲିଛି। ଡ୍ୟାମ ମଧ୍ୟକୁ ପ୍ରତି ସେକେଣ୍ଡରେ ୩୪୬.୧୯ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୧୭୭.୯୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ବିପଦ ସଙ୍କେତ ୮୫ ରହିଥିବା ବେଳେ ୮୪.୬୨ ଘନଫୁଟ୍ ଜଳ ଡ୍ୟାମରେ ହେବା ଯୋଗୁ ଗେଟ୍ ଖୋଲାଯାଇଥିବା ସୁନେଇ ଡ୍ୟାମ ଏସ୍‌ଡିଓ ଗଜେନ୍ଦ୍ର ନାଏକ କହିଛନ୍ତି। ଏହା ସହିତ କାଳ ଡ୍ୟାମର ମଧ୍ୟ ଗୋଟିଏ ଗେଟ୍ ଖୋଲାଯାଇଛି। ସୋନ ନଦୀର ଜଳସ୍ତର ବୃଦ୍ଧି ପାଇବା ଫଳରେ କପ୍ତିପଦା-ଶାଳଚୁଆ ରାସ୍ତାରେ ଥିବା ମହିଷାସୁରୀ ପୋଲ ବୁଡ଼ିବା ସହିତ ଏହା ଉପରେ ୮ ଫୁଟରୁ ଅଧିକ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେଉଛି। ଏହି ବନ୍ୟା ଜଳ ପୋଲର କିଛି ଅଂଶ ଧୋଇ ନେଇଥିବା ଦେଖିବାକୁ ମିଳିଛି। କପ୍ତିପଦା -ଶାଳଚୁଆ ଓ ସୋରକୁ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ଉଦଳା ବ୍ଲକ ଭୀମତାଳି ପଞ୍ଚାୟତର ଜାଲଦା, ବାଉଁଶପାଳ, ମଦନାପାଳ, ଅଠଣଗାଁ, କୋଚିଲାଡିହା ପଞ୍ଚାୟତର ବୈରାଟପୁର, ଧୂଳିନ୍ଦା, ଖୁଣ୍ଟାପାଳ, ଖଲାଡି ପଞ୍ଚାୟତର ଖଲାଡି, କଇଁସାରୀ ଆଦି ଗ୍ରାମର ଲୋକେ ପ୍ରଭାବିତ ହୋଇଛନ୍ତି। ମଦନାପାଳ ଏବଂ ଭୀମତାଳି ଗାଁ ଭିତରରେ ବନ୍ୟା ଜଳ ପ୍ରବେଶ କରିଛି। ଫଳରେ ସେଠାକାର ଲୋକେ ଜଳବନ୍ଦୀ ହୋଇଛନ୍ତି। ମଦନାପାଳ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ବନ୍ୟାପାଣିରେ ଅଧା ବୁଡ଼ି ରହିଥିବା ବେଳେ ନଦୀ କୂଳରେ ଥିବା ୪୦ରୁ ଅଧିକ ଘରେ ପାଣି ପଶିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ବିପନ୍ନଙ୍କ ପାଖରେ ପ୍ରଶାସନ ପହଞ୍ଚି ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି।



ପାଣିରେ ଅଧା ବୁଡ଼ି ରହିଥିବା ମଦନାପାଳ ଗ୍ରାମ ଅଙ୍ଗନୱାଡି କେନ୍ଦ୍ର।

■ପାଣି ଘେରରେ ମଦନାପାଳ ଗ୍ରାମର ୪୦ ପରିବାର

■ମହିଷାସୁରୀ ପୋଲ ଉପରେ ୮ ଫୁଟର ପାଣି

# ବର୍ଷାରେ ବେହାଲ କେନ୍ଦୁଝର ସହର

**କେନ୍ଦୁଝର, ୨।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝରରେ ମଙ୍ଗଳବାରଠାରୁ ଲଗାଣ ବର୍ଷା ଜାରି ରହିଛି। ଜଳ ନିଷ୍କାସିତ ହୋଇ ନ ପାରି କେନ୍ଦୁଝର ସହରର ଅନେକ ଅଞ୍ଚଳ ଜଳବନ୍ଦୀ ହୋଇଛି। ପ୍ରବଳ ବର୍ଷା ଯୋଗୁ ଜିଲାର ସମସ୍ତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆଯାଇଛି। କେନ୍ଦୁଝରରେ ୧୪୦.୫ ମି.ମି. ବର୍ଷା ରେକର୍ଡ ହୋଇଥିବା ବେଳେ ପାଣିପାଗ ବିଭାଗ ଜିଲାକୁ ରେଡ୍ ୱାର୍ନିଂ ଜାରି କରିଛି। କଚ୍ଚାଘରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ସିରାଜୁଦ୍ଦିନ ଛକଠାରୁ ମୋଚିବନ୍ଧ ସ୍କୁଲ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାରେ ଡ୍ରେନ୍ ପୋତି ହୋଇଯାଇଥିବାରୁ ରାସ୍ତାରେ ପାଣି ଯାଉଛି। ଅନେକ ଦୋକାନ ଓ ଘରେ ନର୍ଦ୍ଦମାପାଣି ପଶି ଯାଇଥିବା ସୂଚନା ମିଳିଛି। ସେହିପରି ସହରର ଜାମୁହତା, ସ୍ୱଞ୍ଜି କଲୋନି, ଧାଙ୍ଗରପଡ଼ା, ନିହାଲସିଂ ଛକ, ଘାଟି ମହାଦେବ, ଭାଲୁକି ପତଳା କଲୋନି, ବ୍ୟାଙ୍କ କଲୋନି, ଗ୍ରାମଶ୍ରୀ କଲୋନି, ପୁରୁଣା ସହରର ମାଘୁସାହି, ବୁଲାଦୁଆର ସାହି, ବ୍ଲଡ୍ ବ୍ୟାଙ୍କ, କାଶୀପୁର ଜେନା ସାହି, ଜେଲରୋଡ୍ ବିହାରୀ ସାହି, ବଳଦେବଜୀଉ ଲେନ୍ ନଂ. ୪, ୬, ୭, ଜଗନ୍ନାଥପୁର, ଭାଲୁକିପତଳା, କାଶୀପୁର, ଡିଏଭି କଲୋନି, ଆଟପୁର, ବଡ଼ହଳ, ପୁରୁଣାସହର, ଡାଙ୍ଗରପଡ଼ା ଆଦି ଅଞ୍ଚଳରେ ବର୍ଷା ଯୋଗୁ ଲୋକେ ବେହାଲ ହୋଇପଡ଼ିଛନ୍ତି। ଅଞ୍ଚଳରେ ପାଣି ପଶି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗ୍ରାମଶ୍ରୀ କଲୋନିରେ ଲୋକଙ୍କ ଘର ଭିତରେ ପାଣି ପଶିଯାଇଛି। ତ୍ରୁଟିପୂର୍ଣ୍ଣ ଡ୍ରେନେଜ ବ୍ୟବସ୍ଥା ସାଙ୍ଗକୁ ବିନା ପ୍ଲାନ୍‌ରେ ଘର ନିର୍ମାଣ ଅନୁମୋତି ଯୋଗୁ ଜଳ ନିଷ୍କାସନରେ ବାଧା ଉପୁଜୁଛି ବୋଲି ସ୍ଥାନୀୟ ନିବାସୀ ସୁବ୍ରତ ମହାନ୍ତି କହିଛନ୍ତି। ସେହିପରି କେନ୍ଦୁଝର ସଦର ବ୍ଲକ୍ ଶିରିଶପାଳ ପଞ୍ଚାୟତ ସରାସ ମୁଖ୍ୟ ରାସ୍ତାରୁ ପୂର୍ଣ୍ଣଜଳ କଲୋନି ସଂଯୋଗ ମାଟି ରାସ୍ତା ଧୋଇଯାଇଛି। ତେଲକୋଇ ବସ୍‌ଷ୍ଟାଣ୍ଡ, ସରକାରୀ ବାଳିକା ସମ୍ମୁଖରେ ୨ ଟି ଗଛ ଉପୁଡ଼ି ପଡ଼ିବାରୁ ଦୀର୍ଘ ସମୟ ଧରି ଗାଡି ଚଳାଚଳ ଏବଂ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା।


ପୌରାଞ୍ଚଳର ଏକ ୱାର୍ଡରେ ବର୍ଷା ଜଳ ଜମି ରହିଛି।

